# 'ପରିବେଶ ପ୍ରତି ବିପଦ ପ୍ଲାଷ୍ଟିକ ବ୍ୟବହାର'


ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ।

- ଔପଦାରେ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା
- ସଚେତନତାର ବାର୍ତ୍ତା ଦେଲେ ଶିଶୁ ପ୍ରତିଭା
- ଗଗନ ୧ମ, ପ୍ରଭାତ ୨ୟ, ଆଶୁତୋଷ ୩ୟ

**ଔପଦା, ୧୬।୯(ଡି.ଏନ.ଏ.)**

ପରିବେଶ ପ୍ରତି ପ୍ଲାଷ୍ଟିକ ବ୍ୟବହାର ଯେଭଳି ବିପଦ ସୃଷ୍ଟି କରିଛି ତାହାକୁ ରୋକିବା ଅପରିହାର୍ଯ୍ୟ ହୋଇପଡିଛି। ଏଥିପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ ବୋଲି ବାଲେଶ୍ୱର ଜିଲା ଔପଦାରେ ରବିବାର ଅନୁଷ୍ଠିତ ବ୍ଲକସ୍ତରୀୟ ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅତିଥି ଓ ବକ୍ତାମାନେ କହିଛନ୍ତି।

ତଳକିଆ ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ଭବନରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୨୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନେ ରଙ୍ଗ ଓ ତୂଳୀରେ ପ୍ଲାଷ୍ଟିକ ବ୍ୟବହାରର ବିପଦ ଓ ଏହାର ସୁପରିଚାଳନା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇ ଚିତ୍ର ଅଙ୍କନ କରିଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ଶିଶୁ ଚିତ୍ରକର ଚୟନ କରାଯାଇ ପୁରସ୍କାର ବିତରଣୀ ସଭାରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଗଗନ ଦେହୁରୀ ପ୍ରଥମ, ପ୍ରଭାତ ଝରିଆଳ ଦ୍ୱିତୀୟ, ଆଶୁତୋଷ ପ୍ରିୟା ପରିଡ଼ା ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଏଥିସହ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା।

ରବିବାର ପୂର୍ବାହ୍ନ ୯ଟା ବେଳେ ଶ୍ରୀଅରବିନ୍ଦ ଭବନରେ ଚିତ୍ରାଙ୍କନ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ମାତୃସଙ୍ଗୀତ ପରିବେଷଣ କରାଯାଇ ନୀରବ ଧ୍ୟାନ କରାଯାଇଥିଲା। ଧୂପପୁଷ୍ପ ଦିଆଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରମାଣପତ୍ର ଓ ପୁରସ୍କାର ବିତରଣ ଉତ୍ସବରେ ବରେଣ୍ୟ ଅତିଥି ଭାବେ ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା, ସୋର ବନଉପଖଣ୍ଡ ଅଧିକାରୀ ପ୍ରଦୀପ କୁମାର ଜେନା, ଡା. ଲକ୍ଷ୍ମୀପ୍ରସାଦ ରାଉତ, କଳାକାର ଦିବ୍ୟ ପ୍ରକାଶ ପରିଡ଼ା, ସମାଜସେବୀ ଅଜୟ ପ୍ରଧାନ, ନିରଞ୍ଜନ ବାରିକ, ଶିକ୍ଷାବିତ୍ ପ୍ରଦୀପ କୁମାର ଧଳ, ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ଲାଷ୍ଟିକମୁକ୍ତ ପରିବେଶ ସମ୍ପର୍କରେ ଶିକ୍ଷାନୁଷ୍ଠାନ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଧରିତ୍ରୀ ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଚିତ୍ରକର ଦିବ୍ୟପ୍ରକାଶ ପରିଡ଼ା, ଶିକ୍ଷାବିତ୍ ବସନ୍ତ ନାୟକ, ସୁକାନ୍ତୀ ଧଳ ବିଚାରକ ଭାବେ ଯୋଗଦେଇଥିଲେ। ମମତା ଦାଶ, ସୁଲୋଚନା ପଣ୍ଡା, ବନମାଳୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିଭାବକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଧରିତ୍ରୀ ଖବରଦାତା ମନୋଜ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବାଲେଶ୍ୱର ଜିଲା ପ୍ରତିନିଧି ମାନସ ବିଶ୍ୱାଳ, ଖଇରା ପ୍ରତିନିଧି ଉତ୍କଳବନ୍ଧୁ ପଣ୍ଡା, ସୋର ପ୍ରତିନିଧି ଜନ୍ମେଜୟ ମିଶ୍ର। ଶେଷରେ ନିରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ପଥପ୍ରାନ୍ତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

## ୧୬ ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

**ଖଇରା, ୧୬।୯(ଡି.ଏନ.ଏ.)**

ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରବିବାର ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୧୬ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ପାଣିଗ୍ରାହୀ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମିଶନ ଶକ୍ତି ସଭାଗୃହର ଶିଳାନ୍ୟାସ କରିଥିଲେ। ପରେ ବୁରେଇସାହି ଚଣ୍ଡି ମନ୍ଦିର ରୋଷଗୃହ, ବୁରେଇସାହି ମା' ମଙ୍ଗଳା ମନ୍ଦିର, ଆମ୍ବଗଡିଆ ଗୋଷ୍ଠୀ କେନ୍ଦ୍ର, କୁଣ୍ଡସାହି ଗୋଷ୍ଠୀ କେନ୍ଦ୍ର, ଖରାଖିଆ ଗ୍ରାମ ଗୋଷ୍ଠୀକେନ୍ଦ୍ର, ବାଲିଡିହା ହରିହାଟ, ସାରଡାଙ୍ଗ ବୁଢୀଜାଗୁଳାଇ ମନ୍ଦିର, ମୁନିପଦା ଗୋଷ୍ଠୀକେନ୍ଦ୍ର, ଭୁଆଁଳଗଡିଆ ରଜବତୀ ବଙ୍ଗଳା, ଅଲିପୁର ତାରିଣୀ ଯୁବକ ସଂଘ, ସେଣ୍ଡସାହି ଗୋଷ୍ଠୀକେନ୍ଦ୍ର, ହରନବାବୀ କାଳିବଙ୍ଗଳା, ଦାମୋଦରପୁର ଶିବମନ୍ଦିର ପାଇଁ ନିର୍ମିତ ହେବାକୁ ଥିବା ରୋଷଗୃହର ଭୂମିପୂଜା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ହରିହର କୁଣ୍ଡୁ, ପୂର୍ବତନ ସରପଞ୍ଚ ମଦନମୋହନ ସାହୁ, ବିଜେଡି ନେତା କୁଶାସନ କର, ରାମଚନ୍ଦ୍ର ସାହୁ, ସୁରେନ୍ଦ୍ର ଦଳେଇ ତଥା ବିଜୁ ଯୁବ ବାହିନିର ସମସ୍ତ ସଭ୍ୟ ସାମିଲ ଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ପଥର ବୋଝେଇ ବେଳେ ଶ୍ରମିକ ମୃତ

**ଖଇରା, ୧୬।୯(ଡି.ଏନ.ଏ.):** ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ଦେଉଳହୁଡି ନିକଟସ୍ଥ ୫୩ ନମ୍ବର ଖଣିରେ ଗାଡିରେ ରବିବାର ସକାଳେ ପଥର ବୋଝେଇ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶ୍ରମିକଙ୍କ ନାମ ପ୍ରଫୁଲ୍ଲ ପରିଡା। ତାଙ୍କ ଘର ଖଇରା ଥାନା ଗଡପୋଖରୀ ପଞ୍ଚାୟତ ଅଧୀନ ଶରତ ଗ୍ରାମରେ। ରାତିରେ ଉକ୍ତ ଖଣିରେ ବ୍ଲାଷ୍ଟିଂ ପରେ ସକାଳେ ପ୍ରଫୁଲ୍ଲ ଗାଡି ଉପରକୁ ପଥର ଟେକୁଥିଲେ। ଏତିକି ବେଳେ ଗୋଟିଏ ପଥର ତାଙ୍କ ଉପରେ ଖସିପଡିବା ଯୋଗୁ ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଶ୍ରମ ଆଇନକୁ ଉଲଂଘନ କରାଯାଇ ବାରମ୍ବାର ବିଭିନ୍ନ ଖଣିରେ ବେଆଇନ ବ୍ଲାଷ୍ଟିଂ କରାଯିବା ଓ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଯାଉଥିବାରୁ ନିରିହ ଶ୍ରମିକମାନେ ମୃତ୍ୟୁ ବରଣ କରୁଥିବା ଆଲୋଚନା ହେଉଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ନୀଳଗିରି/ସଜନାଗଡ଼, ୧୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ରିଙ୍ଗିପୁର ଗ୍ରାମର ଜୟରାମ ସିଂ (୪୫) ନାମକ ବ୍ୟକ୍ତି ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବନାଞ୍ଚଳ ଅଧିନ ସ୍ୱର୍ଣ୍ଣଚୁଡ଼ ସଂରକ୍ଷଣ ପାଦଦେଶ ରିଙ୍ଗପୁର ଗ୍ରାମର ଜୟରାମ ସକାଳେ ନିଜ ବାଡ଼ିକୁ ଶୌଚ ପାଇଁ ଯାଇଥିବା ବେଳେ ଦୁଇଟି ଭାଲୁ ହାବୁଡରେ ପଡିଥିଲେ। ଯୁବକଙ୍କ ଚିତ୍କାର ଶୁଣି ଗାଁ ଲୋକେ ପହଞ୍ଚି ଯିବାରୁ ଭାଲୁଟି ଯୁବକଙ୍କୁ ଛାଡ଼ି ଜଙ୍ଗଲକୁ ପଳାଇଯାଇଥିଲା। ଏଥିରେ ତାଙ୍କର ମୁହଁ, ମୁଣ୍ଡ, ପିଠ ଏବଂ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

### ପୋଖରୀରେ ବୁଡି ଶିଶୁ ମୃତ

**ସୋର, ୧୬।୯(ଡି.ଏନ.ଏ.):** ଖଇରା ଥାନା ଅଧୀନ ଡଗରପଡା ଅଗାଶୋଳ ଗ୍ରାମର ବସନ୍ତ ବେହେରାଙ୍କ ୩ ବର୍ଷର ପୁଅ ପ୍ରତ୍ୟୁଷ ରବିବାର ସକାଳେ ଘର ଆଗରେ ଖେଳୁଥିବା ବେଳେ ନିକଟରେ ଥିବା ଏକ ଗାଡିଆରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅଚେତ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାଙ୍କଡ଼ କାମୁଡ଼ାରେ ମହିଳା ଗୁରୁତର

**ସୋର, ୧୬।୯(ଡି.ଏନ.ଏ.):** ସୋର ଥାନା ଟେଣ୍ଟେଇ ପଞ୍ଚାୟତ କୁଶନପୁର ଗ୍ରାମର ମାଳତୀ ମଲ୍ଲିକ(୪୭) ନାମ୍ନୀ ମହିଳା ରବିବାର ମାଙ୍କଡ କାମୁଡାରେ ଗୁରୁତର ହୋଇଛନ୍ତି। ସେ ଗୋରୁଙ୍କୁ ଖାଦ୍ୟ ଦେଉଥିବା ବେଳେ ମାଙ୍କଡ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲା। ମାଳତୀ ଚିତ୍କାର କରିବାରୁ ପରିବାର ଲୋକେ ପହଞ୍ଚି ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି।

# ପୂର୍ବତନ ସୈନିକ ସଂଘ ପକ୍ଷରୁ ସଫେଇ


ଭାରତୀୟ ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତାମାନେ ସଫେଇ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୬।୯**

ଭାରତୀୟ ପୂର୍ବତନ ସୈନିକ ସଂଘ, ବାଲେଶ୍ୱର ଶାଖା ପକ୍ଷରୁ ରବିବାର ପୂର୍ବାହ୍ନରେ ଷ୍ଟେଶନ ଛକ ନିକଟସ୍ଥ ଇସିଏଚ୍‌ଏସ୍ ପଲି କ୍ଲିନିକ୍‌ଠାରୁ ପୋଲିସ ଲାଇନ୍ ନିକଟସ୍ଥ ରୋମି ପର୍ଯ୍ୟନ୍ତ ରାସ୍ତାକୁ ପରିଷ୍କାର କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚେୟାରମ୍ୟାନ୍ ମେଜର ଜେନେରାଲ ରାମକୃଷ୍ଣ ସାହୁ, ସମ୍ପାଦକ ଆନନ୍ଦ ବରାଳ, ସଂଘ ଉପସଭାପତି ଅନନ୍ତ ଦାସ, ସହସମ୍ପାଦକ ବିଜୟାନନ୍ଦ ଜେନା, ଉପଦେଷ୍ଟା ଜୟନ୍ତ କୁମାର ବେହେରା, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ବେହେରା, ରବୀନ୍ଦ୍ର ମହାକୁଡ଼, ଅଭୟ ପାତ୍ର ଓ ଜୟନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# 'ଲୋକେ ଆଇନ ସମ୍ପର୍କରେ ସଚେତନ ହେବା ଜରୁରୀ'



ଆଇନ ସଚେତନତା ଶିବିରରେ ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବ, ଜିଲାପାଳ, ପୂର୍ବାଞ୍ଚଳ ଡିଆଇଜି ଓ ଅନ୍ୟମାନେ।

**ରେମୁଣା, ୧୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ଅଧୀନ ବାମପଦା ନୋସିଠାରେ ଜିଲା ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ଓଡ଼ିଶା ଆନୁକୂଲ୍ୟରେ ରବିବାର ବିଶାଳ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଚିବ ବାଳକୃଷ୍ଣ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ସାଧାରଣ ଜନତା ଆଇନ ସମ୍ପର୍କରେ ସଚେତନ ନ ଥିବାରୁ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ରାମଶଙ୍କର ହୋତା, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଅଜୟ କୁମାର ମହାନ୍ତି, ଭିଜିଲାନ୍ସ ଜଜ୍ ଗଜେନ୍ଦ୍ର ମହାପାତ୍ର, ଏସ୍.ସି./ଏସ୍.ଟି ଜଜ୍ ପ୍ରଶାନ୍ତ ମିଶ୍ର, ଅତିରିକ୍ତ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ, ଦେବାଶିଷ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ଚିନ୍ମୟ ଗୋଚ୍ଛାୟତ, କୋର୍ଟ ମ୍ୟାନେଜର ଶଶୀକାନ୍ତ ପ୍ରଧାନ, ଜିଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଜିଲା ବାର୍ ଆସୋସିଏଶନ୍‌ର ସଭାପତି ନିରଞ୍ଜନ ପଣ୍ଡା, ସମ୍ପାଦକ ସସ୍ମିତ କୁମାର ନନ୍ଦୀ ଏବଂ ଜିଲାପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ରୂପ୍‌ସା, ୧୬।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ବୁଆଁଳ ଗ୍ରାମର ଯୁବକ ଶରତ କୁମାର ପଣ୍ଡାଙ୍କୁ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ଏକ ମାମଲା (ନଂ.୨୬୯/୧୮) ହୋଇଛି। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ପାରିକୁଳ ଗ୍ରାମର ୨ ଅଭିଯୁକ୍ତ ଟୁଟୁ ମହାପାତ୍ର ଓ ବିକାଶ ପରିଡ଼ାଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛନ୍ତି। ଗାଁ ରାସ୍ତାରେ ଶରତ ଯାଉଥିବା ବେଳେ ଅଭିଯୁକ୍ତ ଟୁଟୁ, ବିକାଶ ଓ ତପନ ପାତ୍ର ମିଶି ଅତର୍କିତ ଆକ୍ରମଣ କରିଥିଲେ। ଶରତଙ୍କୁ ମାର୍‌ପିଟ କରିବା ସହ ସ୍ଥାନୀୟ ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଗାଁ ଲୋକେ ଶରତଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।


'ନାଚ୍ ଟାଲେଣ୍ଟ ହଣ୍ଟ' ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀ।

# 'ନାଚ୍ ଟାଲେଣ୍ଟ ହଣ୍ଟ' ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୧୬।୯**

ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟସ୍ଥ ନାଚ୍ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ରବିବାର ପୂର୍ବାହ୍ନରେ 'ନାଚ୍ ଟାଲେଣ୍ଟ ହଣ୍ଟ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଲଘୁ ସଙ୍ଗୀତ, କନ୍‌ଟେମ୍ପୋରାରି ନୃତ୍ୟ, ରାଇମ୍‌ସ ଆଦି ବିଭାଗରେ ୬୬ଜଣ ପ୍ରତିଯୋଗୀ ଜୁନିୟର ଓ ସିନିୟର ଗ୍ରୁପ୍‌ରେ ଅଂଶଗ୍ରହଣ କରିଥିଲେ। କୁନି କୁନି ପିଲାମାନଙ୍କର ସଙ୍ଗୀତ ଓ ନୃତ୍ୟରେ ଅତିଥି ଓ ଦର୍ଶକ ଝୁମିଥିଲେ।

ଅଭ୍ୟୁଦୟ ଦାସ ବିଚାରକ ଭାବେ ଯୋଗଦେଇଥିବା ବେଳେ କବି ଶ୍ରୀଦେବ, ମିସ୍ ଇଣ୍ଡିଆ ଫଟୋଜେନିକ କଳ୍ପଶା ଅଙ୍କିତା ଶ, ମିଲିୟନ୍ ଡ୍ରିମ୍‌ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ, ପ୍ରଥିତଯଶା କଣ୍ଠଶିଳ୍ପୀ ଶରତ କୁମାର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ସାନ୍ତ୍ୱନାମୂଳକ ଉପହାର ଦିଆଯାଇଥିଲା। ସୁଶ୍ରୀ ଅର୍ଚ୍ଚିସା ପାଣିଗ୍ରାହୀ ଓ ସମ୍ବେଦନା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଗୁରୁ ଏସ୍.କେ. ରାଜା, ରୋନାଲିସା ପଣ୍ଡା, ଅନୁଷ୍ଠାନର ତତ୍ତ୍ୱାବଧାରକ ଅରୁଣାଂଶୁ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କ ଅଭିଭାବକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଡ. ଦିଲୀପ ସ୍ୱାଇଁଙ୍କ ରଚିତ ଫକୀରମୋହନ ସେନାପତିଙ୍କ ଜୀବନୀପୁସ୍ତକ ଉପହାର ଆକାରରେ ବିତରଣ କରାଯାଇଥିଲା।

- ବେଆଇନ ରେଳ ଟିକେଟ କାରବାର

## କ୍ରାଇମବ୍ରାଞ୍ଚ ଦ୍ୱାରା ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୬।୯**

ବାଲେଶ୍ୱର-ଭଦ୍ରକ ଜିଲାରେ ବେଆଇନ ଭାବେ ରେଳ ଟିକେଟ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ସୋର ରେଳ ଷ୍ଟେଶନରେ ରେଲୱେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଖନ୍ତାପଡ଼ା ଥାନା ବଡ଼ଗାଁ ଅଞ୍ଚଳର ଦିଲୀପ କୁମାର ସାହୁ ନାମକ ଯୁବକଙ୍କୁ ଗିରଫ କରିଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ତାଙ୍କଠାରୁ ୩ଟି ପ୍ରିମିୟମ୍ ତତ୍କାଳ ଟିକେଟ, ଗୋଟିଏ ତତ୍କାଳ ଟିକେଟ, ୨ଟି ପୂରଣ କରାଯାଇଥିବା ରିଜର୍ଭେଶନ୍ ଫର୍ମ ଏବଂ ୩ଟି ଫାଙ୍କା ରିଜର୍ଭେସନ୍ ଫର୍ମ ଜବତ କରିଛି। ଯାହାର ମୂଲ୍ୟ ୧୨, ୨୪୦ ଟଙ୍କା ହେବ। ୧୪୩ ରେଲୱେ ଅଧିନିୟମ ଅନୁଯାୟୀ ବାଲେଶ୍ୱର ରେଳ ଆରପିଏଫ୍ ପୋଲିସ ମାମଲା (ନଂ. ୧୦୦୩/୧୮) ରୁଜୁ କରି ଦିଲୀପଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି ବୋଲି ରେଲୱେ କ୍ରାଇମବ୍ରାଞ୍ଚ ଟିମ୍ ପ୍ରକାଶ କରିଛି। ସୁପରଭିଜନ୍ ଅଫିସର ସୁରେଶ କୁମାର, ମୁଖ୍ୟ କନଷ୍ଟେବଳ ସୁରେଶ ଚନ୍ଦ୍ର ମୁଦୁଲି ଓ କନଷ୍ଟେବଳ ସାମଲ କୁମାର ଦାସ ଥିଲେ।

## ମିକ୍ସଚର ମେଶିନରେ ପଡି ଶ୍ରମିକ ଗୁରୁତର

**ବାହାନଗା, ୧୬।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ନିର୍ମାଣ ଚାଲିଥିବା ନୂତନ ଗୃହ ପାଇଁ ସିମେଣ୍ଟ, ବାଲି, ଚିପ୍‌ସ ଗୋଳାଯାଉଥିବା ମିକ୍ସଚର ମେଶିନରେ ପଡି ହିମାଂଶୁ ଶେଖର ଦଳେଇ ନାମକ ଶ୍ରମିକ ଗୁରୁତର ହୋଇପଡିଛନ୍ତି। ତାଙ୍କ ଘର ସୋର ଥାନା ମୁଳସିଂ ଗ୍ରାମରେ। ତାଙ୍କର ଡାହାଣ ହାତ କଟିଯାଇଛି। ସେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

- ଡିସେମ୍ବରରେ ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ

# ଭାଗନେବେ ୧ ହଜାର ଶିଶୁ

**ସିମୁଳିଆ, ୧୬।୯(ଡି.ଏନ.ଏ.)**

ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି ସହିତ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଉଦ୍ଦେଶ୍ୟରେ ରବିବାର ସିମୁଳିଆ ବ୍ଲକ ଅଧିନ ପୁରୁଷୋତ୍ତମ କ୍ଷେତ୍ର ଅଣ୍ଡରାଇ ଅଞ୍ଚଳରେ 'ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ' କମିଟି ଗଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦ ମୁକ୍ତି ମିଳନ ମହାପ୍ରଭୁ ଅନୁଷ୍ଠାନ ସହଯୋଗରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଶିକ୍ଷକ, ସମାଜସେବୀ, ଉଦ୍ୟମୀ ଯୁବକମାନେ ଯୋଗଦେଇ ଶିଶୁମାନଙ୍କ ବିକାଶ ପାଇଁ ବିଭିନ୍ନ ମତାମତ ରଖିଥିଲେ। ପଣ୍ଡିତ ଦୟାନିଧି ଦାଶଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।

ଆସନ୍ତା ଡିସେମ୍ବରରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ୧ହଜାର ଶିଶୁ ଅଂଶଗ୍ରହଣ କରିବେ। ପିଲାମାନଙ୍କୁ ତିନି ସ୍ତରରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। କମିଟିର ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ସଭାପତି ରୂପେ ଦୟାନିଧି ଦାଶ, ସମ୍ପାଦକ ବାଦଲ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ଦାଶ, ପଦ୍ମଲୋଚନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାଳିକ, ରାଜେନ୍ଦ୍ର କୁମାର ମହାପାତ୍ର, ପୁଷ୍ପ ମଞ୍ଜରୀ ପଣ୍ଡା, ରମେଶ ଚନ୍ଦ୍ର ସିଂ, କିଶୋର କୁମାର ନାୟକ ପ୍ରମୁଖ ୧୪ଜଣ କର୍ମକର୍ତ୍ତା ଅଛନ୍ତି।


ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ କମିଟି ସଭାପତି ଦୟାନିଧି ଦାଶ ସୂଚନା ଦେଉଛନ୍ତି।

## ଝିଅାରୀଙ୍କୁ ଗର୍ଭବତୀ କରିଥିବା ସମ୍ପର୍କୀୟ ଦାଦା ଗିରଫ

**ଖଇରା, ୧୬।୯(ଡି.ଏନ.ଏ.)**

ଖଇରା ଥାନା ପଳସା ପଞ୍ଚାୟତ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗର୍ଭବତୀ କରିଥିବା ଅଭିଯୋଗରେ ରବିବାର ଖଇରା ପୋଲିସ ତାଙ୍କ ସମ୍ପର୍କୀୟ ଦାଦାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବତୀଙ୍କ ବିବାହ ପ୍ରସ୍ତାବ ଆସୁ ନ ଥିବା ତାଙ୍କ ସମ୍ପର୍କୀୟ ଦାଦା ପୂଜା କରାଇବା ବହାନାରେ ରାତିରେ ପରିତ୍ୟକ୍ତ ବିଲକୁ ନେଇ ଯାଇଥିଲେ। ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଏହା କାହାକୁ ନ କହିବାକୁ ଭୟ ଦେଖାଇଥିଲେ। ଯବତୀଙ୍କ ମା'ଙ୍କ ଅଭିଯୋଗ ଓ ଡାକ୍ତରୀମାଇନା ପରେ ଏକ ମାମଲା(ନଂ.୨୨୪/୧୮) ରୁଜୁକରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପୁରୁଣା ଛତୁଆ ବଣ୍ଟନକୁ ବିରୋଧ

**ବସ୍ତା, ୧୬।୯(ସ୍ୱ.ପ୍ର.)**

ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଧା ଗ୍ରାମପଞ୍ଚାୟତର ୧ନଂ. ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପ୍ରସୂତି, ଗର୍ଭବତୀ ଓ ଶିଶୁଙ୍କୁ ପୁରୁଣା ଛତୁଆ ବଣ୍ଟନ କରାଯିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରାଯାଇଛି।

ଗତ ୧୨ତାରିଖରେ ଏହି ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଛତୁଆ ବଣ୍ଟନ କରାଯାଇଥିଲା। ଏହି ଛତୁଆ ପ୍ୟାକେଟ ଜୁନ୍ ୧୯ ତାରିଖରେ ପ୍ରସ୍ତୁତ ହୋଇଥିବା ବେଳେ ପ୍ୟାକେଟ ଉପରେ ତିଆରି କରିବାର ଏକ ମାସ ମଧ୍ୟରେ ବ୍ୟବହାରଯୋଗ୍ୟ ବୋଲି ଲେଖା ରହିଛି। ଅର୍ଥାତ ଏହିସବୁ ଖାଦ୍ୟ ବ୍ୟବହାରର ନିର୍ଦ୍ଧାରିତ ସମୟ ସୀମା ହେଉଛି ଜୁଲାଇ ୧୯ତାରିଖ। ମାତ୍ର ଏହି ଛତୁଆକୁ ଦୁଇ ମାସ ପରେ ବଣ୍ଟାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଲୋକେ ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀଙ୍କୁ ପଚାରିବାରୁ ସେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଛତୁଆ ବଣ୍ଟନରେ ଅନିୟମିତତା ଦର୍ଶାଇ ଏହାର ତଦନ୍ତ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣା ସମ୍ପର୍କରେ ଅଙ୍ଗନୱାଡି କର୍ମୀ ମରିୟମ ବିବିଙ୍କୁ ପଚାରିବାରୁ ସେ ଗତ ଦୁଇମାସ ଧରି ଛୁଟିରେ ଥିଲେ। ତେଣୁ ଛତୁଆ ବଣ୍ଟନ ପାଇଁ ସେ ହେଲପରଙ୍କୁ କହିଥିଲେ ହେଁ ସେ ଏହାକୁ ବାଣ୍ଟି ନ ଥିଲେ। ପରେ ସେ ଆସିବା ପରେ ଏସବୁକୁ ନଷ୍ଟ ନ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହମତିରେ ବାଣ୍ଟିଥିବା କହିଛନ୍ତି। ଛତୁଆ ତିଆରି କରୁଥିବା ସଂସ୍ଥା ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ଗ୍ରାମର ମା'ବାସୁଳୀ ଶକ୍ତି ଗ୍ରୁପକୁ ପଚାରିବାରୁ ଗତ ଜୁନ୍ ୩୦ତାରିଖରେ ତାଙ୍କୁ ମିଳିଥିବା ୯ଟି ପଞ୍ଚାୟତ ମଧ୍ୟରୁ ୭ଟି ପଞ୍ଚାୟତର ଚୁକ୍ତି ବାତିଲ ହୋଇଛି। ତେଣୁ ଏ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ଲାଗି ଗ୍ରାମବାସୀ ଦାବି କରିଛନ୍ତି।


ଗ୍ରାମବାସୀ ପୁରୁଣା ଛତୁଆ ପ୍ୟାକେଟ୍‌କୁ ଦେଖାଉଛନ୍ତି।

**ସଂକ୍ଷେପରେ**

## ବଜ୍ରପାତରେ ଜେଜେମା ମୃତ, ନାତୁଣୀନାତି ଗୁରୁତର

**ଖୁଣ୍ଟା,୧୬।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଭୂପଡ଼ ଗ୍ରାମରେ ରବିବାର ମଧାହ୍ନରେ ବଜ୍ରପାତ ଘଟ ଜଣେ ମହିଳା ମୃତ୍ୟୁବରଣ କରଛନ୍ତି। ତାଙ୍କର ଦୁଇ ନାତୁଣୀନାତି ଗୁରୁତର ଆହତ ହୋଇଛନ୍ତି। ଏହି ଗ୍ରାମର ସନିଆ ହେମ୍ବ୍ରମନ୍ଙ୍କ ସ୍ତ୍ରୀ ସୀତା (୪୫) ନାତୁଣୀ ଦେଉଲା (୬) ଓ ନାତି ରଘ( ୪)ଙ୍କ ସହ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ମେଘପବନ ଆସିବାରୁ ସୀତା ଦୁଇ ନାତୁଣୀନାତିଙ୍କୁ ଧରି ତରବରରେ ଘରକୁ ଫେରୁଥିଲେ। ବାଟରେ ବର୍ଷା ହୋଇ ବଜ୍ରପାତ ହେବାରୁ ସେମାନେ ଚେତା ହରାଇ ବସିଥିଲେ। ଗ୍ରାମବାସୀ ଓ ପରିବାରବର୍ଗ ସେମାନଙ୍କୁ ଉଦ୍ଧାର କରି ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସୀତାଙ୍କୁ ମୃତ ଘୋଷଣା କରିଥିଲେ। ନାତୁଣୀ ଦେଉଲା ଓ ନାତି ରଘୁ ଚକିତ୍ସିତ ହେବା ପରେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଛି। ଖୁଣ୍ଟା ପୋଲିସ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ମାମଲା ରୁଜୁ କରିଛି ।

## ଗଛ ଡାଳପଡି ଶିଶୁକନ୍ୟା ମୃତ

**ବାରିପଦା ଅଫିସ/ବଡ଼ସାହି, ୧୬।୯ (ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ମାଳିହାଟୀ ଗ୍ରାମର ରବିବାର ଅପରାହ୍ନରେ ଜଣେ ଦେଢ ବର୍ଷ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତକ କନ୍ୟାର ବାପା ଅଭୟ ସିଂଙ୍କ କହିବାନୁଯାୟୀ ଦେଢବର୍ଷର ଝିଅ ସୁବି ଘର ବାହାରେ ଖେଳୁଥିବା ଅବସ୍ଥାରେ ଗଛର ଏକ ଶୁଖିଲା ଡାଳ ମୁଣ୍ଡ ଉପରେ ପଡି ଯାଇଥିଲା । ପରିବାର ଲୋକେ ଜାଣିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

## ପୋଲ ତଳକୁ ଖସିଲା ଡମ୍ପର



**ବେତନଟୀ,୧୬।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଡାକ୍ତରଖାନା ନିକଟରେ ରବିବାର ପୋଲକୁ ଏକ ଡମ୍ପର ଧକ୍କା ଦେଇ ଓଲଟି ପଡ଼ିଛି। ଡମ୍ପରରେ ଥିବା ଚାଳକ ସମେତ ଦୁଇ ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ଆଣିଥିଲେ। ଏହି ଡମ୍ପରଟି ବାଲେଶ୍ୱରୁ ବାରିପଦା ଅଭିମୁଖେ ଯାଉଥିବା ଜଣାପଡ଼ିଛି। ବେତନଟୀ ପୋଲିସ ପକ୍ଷରୁ ଏନେଇ ତଦନ୍ତ ଚାଲିଛି।

■ ସମ୍ପତ୍ତି ଲୋଭରେ ଜେଜେମା'ଙ୍କୁ ହତ୍ୟା ଘଟଣା

# ୨ ନାତିଙ୍କ ସମେତ ୪ ଗିରଫ

**ବାରିପଦା ଅଫିସ/ବଡ଼ସାହି, ୧୬।୯(ସ୍ୱ.ପ୍ର.)**


ଦୁଇ ଭାଇ ନିଖିଲ ଓ ହର୍ଷଦ


ଡ୍ରାଇଭର ଓ ସହଯୋଗୀ

ସମ୍ପତ୍ତି ଓ ସୁନା ଗହଣା ଲୁଟ୍ ଲୋଭରେ ଦୁଇଭାଇ ଜେଜେମା'ଙ୍କୁ ହତ୍ୟା କରି ଅନ୍ୟ ଦୁଇ ସହଯୋଗୀଙ୍କ ସହ ଝାଡ଼ଖଣ୍ଡରୁ ଏକ କାର ଯୋଗେ ମୟୂରଭଞ୍ଜ ଜିଲାକୁ ଚାଲିଆସି ଏଠାରେ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ପୋଲିସ ନଗଦ ୨୨ହଜାର ଟଙ୍କା, ସୁନାଗହଣା, ବ୍ୟାଙ୍କ ପାସବହି ଓ ୪ଟି ମୋବାଇଲ ଜବତ କରିଛି। ସେମାନେ ବ୍ୟବହାର କରିଥିବା କାର୍‌କୁ ଜବତ କରାଯାଇଛି। ସ୍ଥାନୀୟ ପୋଲିସ ହାତରେ ଧରାପଡ଼ି ଗିରଫ ହୋଇଥିବା ଏହି ୪ ଅଭିଯୁକ୍ତ ହେଲେ ନିଖିଲ ନାଇଡୁ, ହର୍ଷଦ ନାଇଡୁ, ସହଯୋଗୀ ନୀଳକଣ୍ଠ ନାୟର ଓ ଡ୍ରାଇଭର ସନ୍ତୋଷ କୁମାର ଦାସ। ଏହି ଖବରପାଇ ଝାଡଖଣ୍ଡ ପୋଲିସ ରବିବାର ଏଠାକୁ ଆସି ସନ୍ଧ୍ୟାରେ ସେମାନଙ୍କୁ ରିମାଣ୍ଡରେ ନିଜ ରାଜ୍ୟକୁ ନେଇଛି।

ପୋଲିସ ସୂଚନା ଅନୁଯାୟୀ ଜାମସେଦପୁର ଥାନା ମହାତ୍ମାଗାନ୍ଧୀ ମୋମୋରିଆଲ ଅଞ୍ଚଳରେ ରହୁଥିବା ଦୁଇ ଭାଇ ନିଖିଲ ଓ ହର୍ଷଦ ମିଳିତ ଭାବେ ଜେଜେମା' ଶକୁନ୍ତଳା ନାଇଡୁଙ୍କ ବେକ କାଟି ଶନିବାର ହତ୍ୟା କରିଥିଲେ। ଏହାପରେ ଘରୁ ଟଙ୍କା ଓ ସୁନାଗହଣା ଲୁଟି ଏକ ଇଣ୍ଡିକା କାର ଯୋଗେ ସହଯୋଗୀ ନୀଳକଣ୍ଠଙ୍କ ସହ ଫେରାର ହୋଇଯାଇଥିଲେ। ଡ୍ରାଇଭର ସନ୍ତୋଷ ଗାଡ଼ି ଚଳାଉଥିଲେ। ଝାଡଖଣ୍ଡ ପୋଲିସ ଫୋନ ଟ୍ରାକିଂ କରି ଅଭିଯୁକ୍ତମାନେ ସୀମା ପାର ହୋଇ ମୟୂରଭଞ୍ଜ ଜିଲା ଦେଇ ଯାଉଥିବା ଜାଣିପାରିଥିଲେ। ଏହାପରେ ଝାଡଖଣ୍ଡ ପୋଲିସ ଏ ସମ୍ପର୍କରେ ମୟୂରଭଞ୍ଜ ଏସପି ଅବିନାଶ କୁମାର୍‌ଙ୍କୁ ସୂଚନା ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ଅଭିମନ୍ୟୁ ନାୟକ ସଦଳବଳେ ୧୮ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ତକତ୍‌ପୁର ଷ୍ଟେଟ ବ୍ୟାଙ୍କ ନିକଟରେ ରାସ୍ତା ଅବରୋଧ କରି ବସ ଟ୍ରକ ଆଦି ଯାନବାହନ ଯାଞ୍ଚ କରିଥିଲେ। ଏହି ସମୟରେ ଝାରପୋଖରିଆ ଅଞ୍ଚଳରୁ ବାଲେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଏକ ଇଣ୍ଡିକା କାର ଆସୁଥିବା ଦେଖି ଏହାକୁ ଅଟକାଇ ସେମାନେ ୪ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପରେ ଝାଡଖଣ୍ଡ ପୋଲିସ ପଦାଧିକାରୀ ଏଚ୍.ସି ପ୍ରସାଦ ଓ ଏଚ.ଏମ୍. ଝା ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାଲାଗି ସ୍ଥାନୀୟ ପୋଲିସକୁ ଅନୁରୋଧ କରିଥିଲେ। ଦୁଇ ଦିନ ପୂର୍ବେ ଦୁଇଭାଇ ନିଖିଲ ଓ ହର୍ଷଦଙ୍କ ଜେଜେବାପାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ସମ୍ପତ୍ତି ଲୋଭରେ ସେମାନେ ଜେଜେମା'ଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଝାଡ଼ଖଣ୍ଡ ପୋଲିସକୁ ସୂଚନା ମିଳିଥିଲା। ରିମାଣ୍ଡରେ ନିଆଯାଇଥିବର ଅଭିଯୁକ୍ତଙ୍କୁ ଜେରା କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଡ଼ଖଣ୍ଡ ପୋଲିସ କହିଛି।

■ ଝାଡ଼ଖଣ୍ଡରୁ ଖସି ଆସିଥିବା ଅଭିଯୁକ୍ତ ମୟୂରଭଞ୍ଜ ପୋଲିସ ହାତରେ ଧରାପଡ଼ିଲେ
■ କାର ସମେତ ସୁନାଗହଣା, ଟଙ୍କା, ମୋବାଇଲ ଜବତ
■ ରିମାଣ୍ଡରେ ନେଲା ଝାଡ଼ଖଣ୍ଡ ପୋଲିସ

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବିଶୋଇ, ୧୬।୯**


ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କ ସହ ଏସ୍‌ଡିପିଓ ଆଲୋଚନା କରୁଛନ୍ତି।

ଡାକ୍ତରଖାନାରୁ ଚିକିତ୍ସିତ ହୋଇ ସାଇକେଲରେ ଘରକୁ ଫେରୁଥିବା ଏକ ଦମ୍ପତିଙ୍କୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେବାରୁ ଦୁର୍ଘଟଣାସ୍ଥଳରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବିଶୋଇ ଥାନା ଅଧୀନ ୫୦ ନମ୍ବର ରାଜ୍ୟ ରାଜପଥ ଜାମିରଡ଼ିହା ଛକ ନିକଟରେ ରବିବାର ପୂର୍ବାହ୍ନରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଉତ୍ତ୍ୟକ୍ତ ଲୋକେ ରାଜ୍ୟ ରାଜପଥକୁ ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ଦୀର୍ଘ ୨ଘଣ୍ଟା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହିଳା ହେଲେ ନନ୍ଦିନୀ ସି(୩୫)। ତାଙ୍କ ଆହତ ସ୍ୱାମୀ ସୁରଥ ସି(୪୦)ଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦମ୍ପତିଙ୍କ ଘର ବିଶୋଇ ଥାନା ଅନ୍ତର୍ଗତ ଲୁହାକାନି ପଞ୍ଚାୟତର ମାଣିଚ ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ ନନ୍ଦିନୀ କୌଣସି କାରଣରୁ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କ ସ୍ୱାମୀ ସୁରଥ ତାଙ୍କୁ ସକାଳେ ସାଇକେଲରେ ବସାଇ ବିଶୋଇ ପ୍ରାଥମିକ ଚିକିତ୍ସାଳୟକୁ ନେଇଯାଇଥିଲେ। ସେମାନେ ଚିକିତ୍ସାଳୟରୁ ଫେରୁଥିବା ସମୟରେ ଫେରୁଥିବା ସମୟରେ ଜାମିରଡ଼ିହା ଛକ ନିକଟରେ ରାଇରଙ୍ଗପୁରରୁ ବିଶୋଇ ଅଭିମୁଖେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ(ଓ ୦୪ଇ- ୦୬୫୭) ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ସୁରଥ ରାସ୍ତା ଠାରୁ କିଛି ଦୂରକୁ ଛିଟିକି ପଡ଼ିଥିଲେ। ନନ୍ଦିନୀ ରାସ୍ତା ଉପରେ ପଡିଯିବାରୁ ଟ୍ରକ ଚକ ତାଙ୍କ ମୁଣ୍ଡ ଉପରେ ମାଡିଯାଇଥିଲା। ଫଳରେ ଘଟଣା ସ୍ଥଳରେ ନନ୍ଦିନୀଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଖସି ପଳାଉ ଥିବା ବେଳ ସ୍ଥାନୀୟ ଲୋକେ ଏହାକୁ ଅଟକାଇ ଆହାତ ସୁରଥଙ୍କୁ ଚିକିତ୍ସାଳୟକୁ ପଠାଇଥିଲେ। ଉତ୍ତ୍ୟକ୍ତ ଲୋକେ ଡ୍ରାଇଭର ଓ ହେଲପରଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଟ୍ରକକୁ ଭଙ୍ଗାରୁଜା କରିଥିଲେ। ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ଖବରପାଇ ବିଶୋଇ ଥାନା ଆଇଆଇସି କୁନି ବେଶ୍ରା,ଏଏସଆଇ ସୁନ୍ଦର ମୋହନ ବାରିକ ସଦଳବଳେ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ସେମାନଙ୍କୁ ଚିକିତ୍ସାଳୟକୁ ପଠାଇଥିଲେ। କ୍ଷତିପୂରଣ ଦାବି କରି ରାସ୍ତା ଉପରେ ମୃତଦେହ ରଖି ଅବରୋଧ କରିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାରେ ପୋଲିସ ସଫଳ ହୋଇ ନ ଥିଲା। ରାଇରଙ୍ଗପୁର ଏସଡିପିଓ ଅମୂଲ୍ୟ କୁମାର ଧର, ଟାଉନ ଥାନା ଆଇଆଇସି ରଞ୍ଜନ କୁମାର ସେଠୀ ଓ ଲୁହାକାନି ସରପଞ୍ଚ ବାଘ୍ରାୟ ବେଶ୍ରା ସେଠାରେ ପହଞ୍ଚି ମୃତା ମହିଳାଙ୍କ ଅନ୍ତିମ କ୍ରିୟା ପାଇଁ ରେଡ଼କ୍ରସ ତରଫରୁ ୧୦ ହଜାର,ହରିଶ୍ଚନ୍ଦ୍ର ଯୋଜନା ରେ ୨ ହଜାର ଟଙ୍କା ଦେବା ସହିତ ଟ୍ରକ ମାଲିକଙ୍କ ତରଫରୁ ଆଉ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଦୀର୍ଘ ୨ ଘଣ୍ଟା ପରେ ରାସ୍ତା ରୋକୋ ହଟିଥିଲା। ପରେ ପୋଲିସ ମୃତଦେହକୁ ରାଇରଙ୍ଗପୁରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଟ୍ରକ ଡ୍ରାଇଭର ଅଶୋକ କୁମାର ଓ ହେଲପର ଜୟପ୍ରକାଶ ଗିରଙ୍କ ଘର ବିହାର ରାଜ୍ୟ ସ୍ଥିତ ହାଜିପୁରରେ। ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖିଛି। ଦୁର୍ଘଟଣା ନେଇ ଏକ ମାମଲା ( ନଂ. ୬୪/୧୮) ରୁଜୁ ହୋଇଛି। ନନ୍ଦିନୀଙ୍କ ୧୭ ବର୍ଷ ର ଝିଅ ଓ ୧୩ ବର୍ଷ ର ପୁଅ ଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ସୁରଥ ଅତ୍ୟନ୍ତ ଗରିବ ହୋଇଥିବାରୁ ଏହି ପରିବାରକୁ ଅଧିକ ସହାୟତା କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

■ ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା
■ ରାଜ୍ୟ ରାଜପଥ ଅବରୋଧ

## ମୟୂର ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ବେତନଟୀ, ୧୬।୯ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଧର୍ମଶାଳାଠାରେ ମୟୂର ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂସଦର ବରିଷ୍ଠ ସଦସ୍ୟ ଭାସ୍କର ଚନ୍ଦ୍ର ଦ୍ୱିବେଦୀ ସଭାପତିତ୍ୱ କରିଥିଲେ । ନିର୍ବାଚିତ ହୋଇ ଥିବା ସଭାପତି ଭାବେ ଜଗନ୍ନାଥ ସେବକ ଜୟନ୍ତ କୁମାର ପଟ୍ଟନାୟକ,କାର୍ଯ୍ୟକାରୀ ସଭାପତି ଗୌତମ ଚନ୍ଦ୍ର ବେହେରା, ଉପସଭାପତି ସୀମା ଦାସ ଖଟୁଆ, ସାଧାରଣ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ, ଯୁଗ୍ମ ସମ୍ପାଦକ ସହଦେବ ଗିରି, ସହ ସମ୍ପାଦକ ରମା ମିଶ୍ର, କୋଷାଧକ୍ଷ ନୀରଦ ସୁନ୍ଦର ଜେନା, ପତ୍ରିକା ସହ ସମ୍ପାଦକ ମନ୍ଦାକିନୀ ସାହୁ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ହରେନ୍ଦ୍ର ନାଥ ବାରିକ, ରାଧାରାଣୀ ମିଶ୍ର, ରାଧା ମୋହନ ବେହେରା, ସବିତା ମିଶ୍ର ପ୍ରମୁଖ ରହିଛନ୍ତି।

## ଶିଳ୍ପ ସଚେତନତା ଶିବିର

**ଯଶିପୁର,୧୬।୯(ଡି.ଏନ.ଏ.):** ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଯଶିପୁର ବ୍ଲକ ଅନ୍ତର୍ଗତ ଯାମୁକେଶ୍ୱର ବଣମୁଣ୍ଡାସ୍ଥିତ ପରମେଶର ଆଇଟିଆଇ ପରିସରରେ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ରର ହସ୍ତ ଓ କୁଟୀର ଶିଳ୍ପ ମ୍ୟାନେଜର ଆଦିତ୍ୟ କୁମାର ଘୋଷ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ଦିନେ ଶଙ୍କର ହୋତା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଆଗ୍ରହୀ ଶିଳ୍ପୀ ମାନଙ୍କୁ ଶିଳ୍ପ ସ୍ଥାପନ ଓ ପରିଚାଳନାରେ ବ୍ୟାଙ୍କ ଓ ସରକାରଙ୍କ ଭୂମିକା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ରମାକାନ୍ତ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ନର**


@ ଅଜିତ


@ ଦୀପ୍ତି


@ ପଦ୍ମଲୋଚନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## କୁରାଢ଼ିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**କପ୍ତିପଦା,୧୬।୯(ଡି.ଏନ.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ରାଣୀପୋଖରୀ ପଞ୍ଚାୟତ ମାନ୍ଦୁରୁସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଆହତ ବ୍ୟକ୍ତି ଜଣକ ଉଦଳା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଯୁବା ବିରୁଆ(୫୨)। ଏ ସଂକ୍ରାନ୍ତରେ ପୋଲିସ ଆହତ ବ୍ୟକ୍ତିଙ୍କ ବାପା ନାଉରୁ ବିରୁଆଙ୍କ ଲିଖିତ ଅଭିଯୋଗକୁ ନେଇ ଏକ ମାମଲା (ନଂ.୪୦/୧୮) ରୁଜୁ କରି ଅଭିଯୁକ୍ତକୁ ଗିରଫ୍ କରି କୋର୍ଟଚାଲାଣ କରିଛି । ନାଉରୁଙ୍କ ପରିବାର ସହିତ ଏହି ଗ୍ରାମର ଯୁବା ବିରୁଆଙ୍କ ପରିବାର ସହିତ ପୂର୍ବ ଶତ୍ରୁତା ରହିଛି । ନାଉରୁଙ୍କ ପୁଅ ରାସ୍ତାରେ ଯାଉଥିବା ସମୟରେ ଏକାକୀ ପାଇ ଯୁବା ଏକ କୁରାଢି ସାହାଯ୍ୟରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଆଣି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଠାକୁରମୁଣ୍ଡାରେ ସୋଲାର୍ ଏଟିଏମ୍


ଏଟିଏମ୍ ଆଗରେ ସୌରଶକ୍ତି ଚାଳିତ ବଲ୍‌ବ ପ୍ରଦର୍ଶନ କରାଯାଉଛି।

**ଠାକୁରମୁଣ୍ଡା,୧୬।୯(ଡି.ଏନ୍.ଏ)**

ଲୋକଙ୍କୁ ସୌର ଆଲୋକ ଯୋଗାଇବା ଲକ୍ଷ୍ୟରେ ଠାକୁରମୁଣ୍ଡାରେ ଦୁଇଟି ସୋଲାର୍ ଏଟିଏମ୍ ସ୍ଥାପନ କରାଯାଇଛି । ଦିଗଧର ଓ ମିଟୁଆଣୀ ଗ୍ରାମରେ ସ୍ଥାପିତ ଏହି କେନ୍ଦ୍ରରୁ ୨୫ଜଣ ଲେଖାଏଁ ଗ୍ରାମୀଣ ଉପଭୋକ୍ତା ସୌରାଲୋକର ସୁବିଧା ପାଇପାରିବେ। ଗ୍ରାହକମାନେ ଦିନବେଳା ଶକ୍ତି ଉଦ୍ୟୋଗଙ୍କ ନିକଟରେ ଲାଇଟ୍ ଗୁଡ଼ିକୁ ଚାର୍ଜ କରି ସନ୍ଧ୍ୟା ବେଳକୁ ଘରକୁ ନେଇ ବ୍ୟବହାର କରିପାରିବେ। ଭୁବନେଶ୍ୱରର ଉର୍ଜା ସମାଧାନ ନାମକ ଅନୁଷ୍ଠାନ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଏମ୍ପାଓ୍ୱାରଡ ଏନର୍ଜିର ମିଳିତ ସହାୟତାରେ ଗ୍ରାମାଞ୍ଚଳରେ ଏହି ସୁବିଧା ପହଞ୍ଚାଇବାରେ ସହାୟକ ହୋଇଛି । ଠାକୁରମୁଣ୍ଡାର ଦିଗଧର ଏବଂ ମିଟୁଆଣୀ ଗ୍ରାମରେ ପରୀକ୍ଷା ମୂଳକ ଭବେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ବୋଲି ପରିଚାଳନା ନିର୍ଦ୍ଦେଶକ ସାଗର ମହାପାତ୍ର ସୂଚନା ଦେଇଥିଲେ। ଏହି ସୋଲାର ଏଟିଏମ୍ ସ୍ଥାପନରେ ଉର୍ଜା ସମାଧାନର ବରିଷ୍ଠ ବୈଷୟିକ ଅଧିକାରୀ ବିଜୟ ନନ୍ଦ, କାର୍ଯ୍ୟକ୍ରମ ସଂଯୋଜକ ରାହୁଲ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ ।

# କାମରେ ଲାଗୁନି ନବନିର୍ମିତ କ୍ୱାର୍ଟର୍ସ

**କପ୍ତିପଦା,୧୬।୯(ଡି.ଏନ.ଏ)**


ପରିତ୍ୟକ୍ତ ସରକାରୀ କୋଠା ଓ କ୍ୱାର୍ଟର୍ସ।

ମୟୂରଭଞ୍ଜ ଜିଲା କପ୍ତିପଦା ଗ୍ରାମ ଉନ୍ନୟନ ବିଭାଗ (ଆର.ଡି.) ପକ୍ଷରୁ ନବନିର୍ମିତ ୨ଟି କାର୍ଯ୍ୟାଳୟ କୋଠା ଓ କେତେକ କ୍ୱାର୍ଟର୍ସ କାମରେ ନ ଲାଗି ପରିତ୍ୟକ୍ତ ହୋଇପଡ଼ିଛି। ୨୦୧୫-୧୬ ଆର୍ଥିକ ବର୍ଷରେ ପ୍ରାୟ ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାକୁ ବ୍ୟବହାର ଅବ୍ୟବହୃତ ହୋଇ ପଡି ରହିବା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ନବନିର୍ମିତ କାନ୍ଥରେ ଫାଟ ସୃଷ୍ଟି ହୋଇ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ସାମାନ୍ୟ ବର୍ଷା ହେଲେ ଛାତ ଓ କାନ୍ଥରୁ ପାଣି ଗଳୁଛି। ସେହିପରି ବିଦ୍ୟୁତୀକରଣ କାର୍ଯ୍ୟ ସରିବା ଆଗରୁ ନବନିର୍ମିତ କୋଠା ଓ କ୍ୱାର୍ଟର୍ସ ହସ୍ତାନ୍ତର କରାଯାଥିବା କୁହାଯାଉଛି। ।

ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟ ନେଇ ଭିତ୍ତିଭୂମି ବିକାଶ ସକାଶେ ଏଠାରେ ୨ଟି କାର୍ଯ୍ୟାଳୟ କୋଠା, ୨ଜଣ ଯନ୍ତ୍ରୀ ଓ ଅନ୍ୟ ୨ କର୍ମଚାରୀଙ୍କ ଲାଗି କାର୍ଟର୍ସ ନିର୍ମାଣ ସକାଶେ ଯୋଜନା କରାଯାଇଥିଲା। କ୍ୱାର୍ଟର୍ସ ହେଲେ କର୍ମଚାରୀ ଏଠାରେ ରହି ଶୃଙ୍ଖଳିତ ଭାବେ କାମ କରି ପାରିବେ ବୋଲି କୁହାଯାଇଥିଲା। ନିର୍ମାଣ କାର୍ଯ୍ୟ ସରିବା ସତ୍ତ୍ୱେ କ୍ୱାର୍ଟର୍ସରେ କେହି ନ ରହିବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ନବନିର୍ମିତ କ୍ୱାର୍ଟର୍ସ ଭୂତକୋଠି ପାଲଟିବାକୁ ବସିଛି ।

ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ,ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ । ବର୍ତ୍ତମାନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ହେଡ୍‌କ୍ୱାର୍ଟର୍ସରେ ନ ରହି ଉଦଳାରେ ରହୁଛନ୍ତି। ଫଳରେ ଦୈନନ୍ଦିନ ଅଫିସ କାର୍ଯ୍ୟ ପରିଚାଳନାରେ ନାନା ସମସ୍ୟା ହେଉଛି। ନିମ୍ନମାନର କୋଠା ନିର୍ମାଣ ସମ୍ପର୍କରେ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଉ ନାହିଁ। ଦୋଷ ଲୁଚାଇବାକୁ ତରବରିଆ ଭାବେ ତାଳିପକା ନ୍ୟାୟରେ କେତେକ ମରାମତି କାମ କରାଯାଇଥିଲେ ମଧ୍ୟ ଅବସ୍ଥା ଯଥାପୂର୍ବଂ ତଥା ପରଂ ରହିଛି। ନବନିର୍ମିତ କ୍ୱାର୍ଟର୍ସ ଓ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା କଂକ୍ରିଟ୍ ରାସ୍ତା ମଧ୍ୟ ଫାଟିଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରି ମଧ ଭାଙ୍ଗିଯିବା ଅବସ୍ଥାରେ ରହିଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଣେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଗୋଟିଏ କାର୍ଯ୍ୟାଳୟ କୋଠାକୁ ବଦ୍ୟୁତ୍ ସଂଯୋଗ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇ ପାରି ନ ଥିବା କହିଛନ୍ତି। କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀନାରାୟଣ ନାୟକଙ୍କୁ ପଚାରିବାରୁ ସେ ଅନୁରୂପ ବିଦ୍ୟୁତ୍ ସମସ୍ୟା କଥା ଉଠାଇ ଏଥିଲାଗି କ୍ୱାର୍ଟର୍ସ ବ୍ୟବହାର ହୋଇ ପାରି ନ ଥିବା କହିଛନ୍ତି।

■ ଦେଢ କୋଟି ଟଙ୍କା ଅପବ୍ୟୟ
■ ନିର୍ମାଣ କାମ ନିମ୍ନମାନର ଅଭିଯୋଗ
■ ହୋଇନି ବିଜୁଳି ସଂଯୋଗ

## ସଂକ୍ଷେପରେ

### କୋଇଲା ଚୋରି: ୩ ଗିରଫ

ପଦ୍ମପୁର,୧୬।୯(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ପୋଲିସ କୋଇଲା ଚୋରିରେ ସମ୍ପୃକ୍ତ ୩ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ୩ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ବିରସ ଗ୍ରାମର ସନ୍ତୋଷ ଜେନାଙ୍କୁ କୋର୍ଟଙ୍କ ଆଦେଶକ୍ରମେ ଜାମିନ ମିଳିଛି। ଗିରଫ ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ଶ୍ରୀରାମଗଡ଼ିଆ ଗ୍ରାମର ଶ୍ୟାମସୁନ୍ଦର ସାମଲ ଓ ବିରସ ଗ୍ରାମର ସୁଦର୍ଶନ ବିଶ୍ୱାଳ। ଏନେଇ ଥାନାରେ ଏକ ମାମଲା(ନଂ.୫୮/୧୮) ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ଦେହୁରୀ ସୂଚନା ଦେଇଛନ୍ତି।

### ୮୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଧାମନଗର,୧୬।୯(ଡି.ଏନ.ଏ.): ଧାମନଗର ବ୍ଲକ ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଣ୍ଡଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ଏବଂ ଭଣ୍ଡାରିପୋଖରୀ ବ୍ଲକର ୧୨ଟି ବିଦ୍ୟାଳୟରୁ ୮୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସିଆର୍‌ସିସି ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁମନ୍ଦିର ସମ୍ପାଦକ ବିବେକାନନ୍ଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବୈକୁଣ୍ଠ ସାହୁ, ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ବିଜୟ ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ପରିଷଦ ଅଧ୍ୟକ୍ଷ ରଞ୍ଜନ କୁମାର ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ଉମାକାନ୍ତ ପଣ୍ଡା, ଜିଲା ସଂଯୋଜକ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ୧୬ଟି ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନରେନ୍ଦ୍ର ସାମଲ, ମୁଖ୍ୟବକ୍ତା ଭାବେ ଏବିଇଓ ଶ୍ରୀଚରଣ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାଜୀବ ଲୋଚନ ନାୟକ, ପୂର୍ବତନ ଶିକ୍ଷକ ରବୀନ୍ଦ୍ର ଘୋଷ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜୟନ୍ତ କୁମାର ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶତାଧିକ ରୋଗୀଙ୍କ ଚିକିତ୍ସା



ଭଦ୍ରକ ଅଫିସ,୧୬।୯: ଚାନ୍ଦବାଲି ସଂଗ୍ରାମ ସେନା ପକ୍ଷରୁ ଉପାନ୍ତ ଅଞ୍ଚଳ ଶଶିକାଦେଇପୁରଠାରେ ରବିବାର ଦିନିକିଆ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଛେନାଖିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିବିର ଆୟୋଜିତ ହୋଇଥିଲା। ଭୁବନେଶ୍ୱରରୁ ଆସିଥିବା ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଶତାଧିକ ରୋଗୀଙ୍କର ବିଭିନ୍ନ ରୋଗ ଚିହ୍ନଟ ଓ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଛି। ଏହି ଅଞ୍ଚଳରେ ଥିବା ଡାକ୍ତରଖାନାରେ ଦୀର୍ଘବର୍ଷ ଧରି ଡାକ୍ତର ନାହାନ୍ତି। ଏଣୁ ଏହି ସ୍ୱାସ୍ଥ୍ୟ ଶିବିର ଲୋକଙ୍କୁ ବେଶ୍ ସହାୟକ ହୋଇଛି ବୋଲି କୁହାଯାଇଥିଲା। ସଂଗ୍ରାମ ସେନା ତରଫରୁ ପ୍ରହ୍ଲାଦ ଦାସ, ରମାକାନ୍ତ ବେହେରା, ଅଞ୍ଜନ ବେହେରା, ଜିତେନ୍ଦ୍ର ବେହେରା, ଶଶଧର ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ମଦ ବୋଝେଇ ବୋଲେରୋ ଜବତ

ଭଦ୍ରକ ଅଫିସ,୧୬।୯: ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ନଚ୍ଛିପୁର ଅଞ୍ଚଳରୁ ୧୫ ଶହ ଲିଟର ଦେଶୀମଦ ବୋଝେଇ ଏକ ବୋଲେରୋ ଶନିବାର ରାତିରେ ଜବତ କରିଛି। ଗାଡ଼ି ଡ୍ରାଇଭର ଓ ମଦ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଏହି ମଦ ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଭଦ୍ରକ ନଚ୍ଛିପୁରକୁ ଦୈନିକ ଚାଲାଣ ହେଉଥିଲା ବୋଲି ପୋଲିସ କହିଛି।

### 'କାବ୍ୟାଞ୍ଜଳି' କବିତା ପାଠୋତ୍ସବ

ଭଣ୍ଡାରିପୋଖରୀ,୧୬।୯(ଡି.ଏନ.ଏ.): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମୃତ୍ୟୁର ୧ ମାସ ପୂର୍ତ୍ତି ଅବସରରେ ଭଣ୍ଡାରିପୋଖରୀସ୍ଥିତ ଶାରଦା ବିଦ୍ୟାମନ୍ଦିର ପରିସରରେ ରବିବାର 'କାବ୍ୟାଞ୍ଜଳି' କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଞ୍ଜଳି ପତ୍ରିକାର ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ସଂଯୋଜନା କରିଥିଲେ। କବି ଅଚ୍ୟୁତାନନ୍ଦ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। କବି ନାରାୟଣ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ ମୁଖ୍ୟଅତିଥି, ସ୍ଥାନୀୟ ବିଡିଓ ବନମାଳୀ ତରାଇ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ମହାପାତ୍ର, ବିଜୟ ସ୍ୱାଇଁ ପ୍ରମୁଖ ଅନ୍ୟତମ ଅତିଥି ଓ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ନାୟକ ଓ ଗୁରୁଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠୋତ୍ସବରେ ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ପବନ ନାୟକ, ସସ୍ମିତା ସ୍ୱାଇଁ, ମୁରଲୀଧର ଦାସ ପ୍ରମୁଖ କାବ୍ୟାଞ୍ଜଳି କବିତାପାଠ କରିଥିଲେ।

# ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭାଗ୍ୟ

ଚାନ୍ଦବାଲି,୧୬।୯(ଡି.ଏନ.ଏ.)



ମାଧପୁର ଗଣନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ।

**ମାଧପୁର ଗଣନାଥ ନୋଡାଲ ହାଇସ୍କୁଲ**

- ଭିତ୍ତିଭୂମି ଅଭାବ ଶିକ୍ଷା ବ୍ୟବସ୍ଥାରେ ସାଜିଛି ଅନ୍ତରାୟ
- ଶିକ୍ଷକ ଅଭାବରୁ ହୋଇ ପାରୁନି ପାଠପଢ଼ା
- ଆପତ୍ତି, ଅଭିଯୋଗ କରି ଅଭିଭାବକ ନିରାଶ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଭିତ୍ତିଭୂମି ଅଭାବ ଓ ଭୌଗୋଳିକ ସ୍ଥିତି ଶିକ୍ଷା ବ୍ୟବସ୍ଥାରେ ଅନ୍ତରାୟ ସୃଷ୍ଟି କରୁଛି। ବ୍ଲକ ଅଧୀନ ମାଧପୁର ପଞ୍ଚାୟତରେ ୧୯୭୮ ମସିହାରେ ସ୍ଥାପିତ ଗଣନାଥ ନୋଡାଲ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ପୁରାତନ ଶିକ୍ଷାନୁଷ୍ଠାନ ପୂର୍ବରୁ ଗଣନାଥ ହାଇସ୍କୁଲ ନାମରେ ପରିଚିତ ଥିଲା । ପରେ ଶିକ୍ଷାନୁଷ୍ଠାନରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେବା ସହ ଏହା ନୋଡାଲ ସ୍କୁଲର ମାନ୍ୟତା ପାଇଛି। କିନ୍ତୁ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତି ଦିଆ ନ ଯିବା ଏବଂ ଭିତ୍ତିଭୂମି ସମସ୍ୟାର ପ୍ରତିକାର ନ ହେବାରୁ ଶିକ୍ଷାନୁଷ୍ଠାନ ଅତୀତର ଗୌରବ ହରାଇବାକୁ ବସିଛି। ଆବଶ୍ୟକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗାଇଦେବା ସକାଶେ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରି ନିରାଶ ହୋଇଥିବା ଅଭିଭାବକ ରାଜେନ୍ଦ୍ର ଦାସଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ଚାନ୍ଦବାଲି ବ୍ଲକର ମାଧପୁର, ଘଟପୁର, ଭୂଇଁବୃତ୍ତି ପଞ୍ଚାୟତ ଓ ତିହିଡି ବ୍ଲକର ଗୋବିନ୍ଦପୁର ପଞ୍ଚାୟତ ଅଧୀନ କେତେକ ଗାଁର ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରି ଏବେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ବର୍ତ୍ତମାନର ଶିକ୍ଷାନୁଷ୍ଠାନରେ ୧ମରୁ ୧୦ମ ଶ୍ରେଣୀ ଯାଏ ପାଠ ପଢ଼ାଯାଉଛି। ୮ମ ଶ୍ରେଣୀ ପର୍ଯ୍ୟନ୍ତ ୩୪୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୮ ଶିକ୍ଷୟିତ୍ରୀ ଓ ଶିକ୍ଷକ ସେମାନଙ୍କୁ ପାଠ ପଢ଼ାଉଛନ୍ତି। ତେବେ ୯ମ ଓ ୧୦ମ ଶ୍ରେଣୀରେ ୨୩୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ହିନ୍ଦୀ ଶିକ୍ଷକଙ୍କୁ ନେଇ ପାଠପଢ଼ା ଚାଲିଛି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ସକାଶେ ମାତ୍ର ଦୁଇଟି ସଙ୍କୀର୍ଣ୍ଣ ଶ୍ରେଣୀଗୃହ ରହିଛି। ୨୩୮ ପିଲାଙ୍କୁ ବସାଇ ସେଠି ପାଠ ପଢ଼ାଇବା ସମ୍ଭବ ହେଉ ନାହିଁ। ବହୁବାର ଦାବି ପରେ ଜଣେ ଅତିଥି ଶିକ୍ଷକଙ୍କୁ ଏବେ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସ୍ଥାନାଭାବ ସମସ୍ୟା ଯୋଗୁ ପିଲାଙ୍କୁ ପାଠ ପଢ଼ାଇବା ଦୂରର କଥା ଜଗିବାରେ ମଧ୍ୟ ଅସୁବିଧା ହେଉଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ବାରିକ୍ ତାଙ୍କ ପ୍ରତିକ୍ରିୟାରେ ଏହି ସୂଚନା ଦେଇଛନ୍ତି । ଆସନ୍ତା ୨୪ ତାରିଖରେ ୧୦ମ ଶ୍ରେଣୀରେ ପ୍ରି ଟେଷ୍ଟ ପରୀକ୍ଷା ହେବାକୁ ଥିବାବେଳେ କେତେକ ବିଷୟରେ ଏଯାଏ ପାଠପଢ଼ା ଆରମ୍ଭ ହୋଇନାହିଁ। ୧୦ମ ଶ୍ରେଣୀର ଛାତ୍ର ଶାନ୍ତନୁ ଦାସ, ଅବିନାଶ ସାହୁ ଓ ଅମୂଲ୍ୟ ପରିଡ଼ା ଏଭଳି ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ପାଚେରି ଅଧାଖଣ୍ଡିଆ ହୋଇ ଦୀର୍ଘଦିନ ହେବ ପଡିରହିଛି। ନୋଡାଲ ସ୍କୁଲ ଅନ୍ତର୍ଗତ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲ ମଧ୍ୟରେ ଦୂରତା ପ୍ରାୟ ୧ଶହ ୫୦ ମିଟର। ଏଥିଲାଗି ପାଠପଢ଼ାରେ ମଧ୍ୟ ସମସ୍ୟା ହେଉଛି। ଏହା ପରିସର ମଧ୍ୟରେ ଥିବା ମାଧପୁର ବାତ୍ୟା ଆଶ୍ରୟସ୍ଥଳରେ ସେବା ସମବାୟ ସମିତିର ଅଫିସ୍ ଚାଲିଛି। ଏଭଳି ସ୍ଥିତି ବିଦ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି କରୁଥିବା ଗ୍ରାମବାସୀ କହିଛନ୍ତି।

## ୧୮ରେ ବିଧାନସଭା ଘେରିବ ସିଟି, ବିଏଡ୍ ସଂଘ

ବନ୍ତ,୧୬।୯(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ତାଲିମପ୍ରାପ୍ତ ବରିଷ୍ଠ ବେକାର ସିଟି, ବିଏଡ୍ ମହାସଂଘର କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ ସଂଯୋଜକ ଗୋପାଳକୃଷ୍ଣ ଦାଶଙ୍କ ଆବାହକତ୍ୱରେ ସେମାନଙ୍କ ଦାବି ପୂରଣ ନେଇ ଆଗାମୀ ୧୮ରେ ସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବାକୁ ସ୍ଥିର ହୋଇଛି। ବ୍ଲକରେ ଥିବା ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ସିଟି, ବିଏଡ୍ ବରିଷ୍ଠ ତାଲିମପ୍ରାପ୍ତଙ୍କୁ ନିଯୁକ୍ତି ନ ଦେଇ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତିକୁ ଦେଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ବାରମ୍ବାର ଧାରଣା ସମାବେଶ କରିବା ପରେ ଗତ ଜୁଲାଇ ୨୫ରେ ସରକାର ନିଯୁକ୍ତି ସକାଶେ ରାଜି ହୋଇଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ଥାନରେ ବରିଷ୍ଠ ବେକାର ସିଟି, ବିଏଡ୍ ତାଲିମପ୍ରାପ୍ତଙ୍କୁ ଶିକ୍ଷକ ନିଯୁକ୍ତି ଦାବିରେ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂଘର ବନ୍ତ ବ୍ଲକ ସଭାପତି ଅକ୍ଷୟ କୁମାର ରାଉତ, ସମ୍ପାଦକ ଉଲ୍ଲାସ କୁମାର ବାରିକ୍, ନୀରଜ ଆଇଚ ପ୍ରମୁଖ ଉପସ୍ଥିତ ଥିଲେ।

## ଗର୍ଭବତୀ ମହିଳାଙ୍କୁ ହତ୍ୟା ନେଇ ଥାନାରେ ମାମଲା

ଆରଡି,୧୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା କଣ୍ଟିକା ଗ୍ରାମର ସତ୍ୟଭାମା ରାଉତ ନାମ୍ନୀ ଜଣେ ମହିଳାଙ୍କ ଶନିବାର ମୃତ୍ୟୁ ଘଟିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଶାଶୁଘର ଲୋକେ କହୁଥିବା ବେଳେ ହତ୍ୟା କରାଯାଇଥିବା ନେଇ ବାପଘର ପକ୍ଷରୁ ଧୂଷୁରୀ ଥାନାରେ ଅଭିଯୋଗ ହୋଇଛି। ସତ୍ୟଭାମା ଗର୍ଭବତୀ ଥିବାବେଳେ ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଏତଲାରେ ଦର୍ଶାଯାଇଛି। ଏତଲାକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୧୫୩/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ସବ ଇନ୍ସପେକ୍ଟର ଗୟାଧର ବେହେରା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଧାମନଗର ଥାନା ଅଧୀନ ଇଚ୍ଛାପୁର(କୋରୁଆ) ଗ୍ରାମର ସତ୍ୟଭାମା ୨୦୧୭ରେ ଧୂଷୁରୀ ଥାନା କଣ୍ଟିକା ଗ୍ରାମର ରବୀନ୍ଦ୍ର ରାଉତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ବେଳେ ନଗଦ ୬୦ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଯୌତୁକ ବାବଦରେ ଦେବା ଲାଗି ସ୍ଥିର ହୋଇଥିଲା। ପରେ ୧୮ ହଜାର ଦିଆଯିବ ବୋଲି ସତ୍ୟଭାମାଙ୍କ ବାପଘର ପକ୍ଷରୁ ବରପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ୧୮ହଜାର ଟଙ୍କା ପାଇଁ ଶାଶୁଘର ଲୋକେ ସତ୍ୟଭାମାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ ବୋଲି ମୃତା ସତ୍ୟଭାମାଙ୍କ ଭାଇ ତପନେଶ୍ୱର ରାଉତ ଏତଲାରେ ଦର୍ଶାଇଛନ୍ତି। ଶେଷରେ ଗତ ଶୁକ୍ରବାର ରାତିରେ ସତ୍ୟଭାମା କିଛି କଥା କହୁ ନାହିଁ ବୋଲି ରବୀନ୍ଦ୍ର ଫୋନ ଯୋଗେ ସତ୍ୟଭାମାଙ୍କ ବାପଘରକୁ ଜଣାଇଥିଲେ। ବାପଘର ଲୋକେ କଣ୍ଟିକାରେ ପହଞ୍ଚି ସତ୍ୟଭାମାଙ୍କୁ ମୃତାବସ୍ଥାରେ ଦେଖିଥିଲେ। ତାଙ୍କ ବେକରେ ଅଙ୍ଗୁଳି ଓ ନଖ ଦାଗ ଥିବା ଦର୍ଶାଯାଇଛି।

## ଶିଶୁମନ୍ଦିରରେ ପିତୃ ସମ୍ମିଳନୀ

ଧାମନଗର,୧୬।୯(ଡି.ଏନ.ଏ.)

ପିତା ହିଁ ପରିବାରର ସୁପରିଚାଳକ। ପିତାଙ୍କ ଆଚରଣ ସ୍ୱଭାବ ସନ୍ତାନ ମଧ୍ୟରେ ପରିସ୍ଫୁଟନ ହୋଇଥାଏ। ଶୃଙ୍ଖଳିତ ପରିବାରରେ ପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅସୁରାଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ପିତୃ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଅସୁରାଳି ଚେତନା ସଂଘ ତଥା ଦେବୀ ଆଶ୍ରମର ମୁଖ୍ୟ ଉତ୍କଳ ଭୂଷଣ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି କ୍ଷୀରୋଦ କୁମାର ଖଟୁଆ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସଂଗ୍ରାମ କେଶରୀ ଦାସ ଅତିଥି ପରିଚୟ ଓ ପ୍ରଧାନଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ପୁରାଣ, ବେଦ ଓ ଉପନିଷଦରୁ ପିତାଙ୍କ ଭୂମିକାକୁ ପର୍ଯ୍ୟାଲୋଚନା କରିଥିଲେ। ସମ୍ପାଦକ ଇଂ. ସନ୍ତୋଷ ସାହୁ ଅଭିଭାବକ ଓ ଆଚାର୍ଯ୍ୟମାନଙ୍କର ଶିଶୁଙ୍କ ପ୍ରତି ଥିବା ଗୁରୁଦାୟିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଆଚାର୍ଯ୍ୟ ପୁରୁଷୋତ୍ତମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ।

■ ମହିଳା ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ସାରସ୍ୱତ ସମାରୋହ

## 'ସମାଜ, ସାହିତ୍ୟରେ ଉନ୍ନତି ଆଣିପାରିବ ନାରୀ'



ଅତିଥିମାନଙ୍କ ଦ୍ୱାରା 'ସ୍ମୃତି ସାନ୍ତ୍ୱନା' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ମହିଳା ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ସପ୍ତମ ବାର୍ଷିକ ସ୍ୱନକ୍ଷତ୍ର ସମାରୋହ ରବିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦିକା ସବିତାରାଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସ୍ମୃତି ସାନ୍ତ୍ୱନାର ପ୍ରତିଷ୍ଠାତା ଡ. ରମେଶ ଚନ୍ଦ୍ର ବେହେରାଙ୍କ ସମେତ ୨୦୧୮ରେ ସ୍ୱର୍ଗବାସୀ ହୋଇଥିବା ସମସ୍ତ ସାହିତ୍ୟିକ, କଳାକାରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବେଦବିଦୁଷୀ ଶନୋଦେବୀ ଯୋଗଦେଇ 'ସ୍ମୃତି ସାନ୍ତ୍ୱନା' ପତ୍ରିକାକୁ ଉନ୍ମୋଚନ କରିବା ସହ ବେଦରେ ମହିଳାଙ୍କ ଭୂମିକା ବିଷୟରେ କହିଥିଲେ। ମୁଖ୍ୟବକ୍ତା ଡ. ଶକୁନ୍ତଳା ବଳିୟାରସିଂ କହିଥିଲେ, ନାରୀ କେବେ ନିଜକୁ ନ୍ୟୁନ ମଣିବା ଉଚିତ୍ ନୁହେଁ। ସବୁ ପ୍ରକାର ସାମାଜିକ ସମସ୍ୟା ମଧ୍ୟରେ ନାରୀ ଚାହିଁଲେ ସମାଜ ଓ ସାହିତ୍ୟର ଉନ୍ନତି କରିପାରିବ। ସମ୍ମାନିତ ଅତିଥି ଭାବେ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢୀ, ମମତା ମହାପାତ୍ର ପ୍ରମୁଖ ଯୋଗଦେଇ ପତ୍ରିକା ସମ୍ପର୍କରେ ମତ ରଖିଥିଲେ। ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସହସମ୍ପାଦିକା ଡ. ସୁମିତ୍ରା ମିଶ୍ର ଅତିଥି ପରିଚୟ ଦେଇଥିଲେ।

ଏହି ଅବସରରେ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଓ ସୁମିତ୍ରା ମିଶ୍ରଙ୍କ ନାଟକ 'ପଥ ପ୍ରାନ୍ତେ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ସୁଚେତା ରାଉତ, ବୀଣାପାଣି ସାହୁ, କାନନବାଳା ପଟ୍ଟନାୟକ, ସୁଲେଖା ସାମନ୍ତରାୟ, ମୁକ୍ତା ତ୍ରିପାଠୀ ଓ ଅନିମା ପଟ୍ଟନାୟକଙ୍କୁ 'ସ୍ମୃତି ସାନ୍ତ୍ୱନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭିକ ସଭା ପରେ କବି ବିମଳା ସିଂଙ୍କ ସଭାପତିତ୍ୱ ଏବଂ ମିନତୀ ବେହେରା ଓ ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ଜଣ କବି ଯୋଗଦେଇ ନିଜ କବିତା ପାଠ କରିଥିଲେ। ଶେଷରେ ପରିଚାଳନା ସମ୍ପାଦିକା ସ୍ନେହଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡ଼ିକାଲ କଲେଜ ପାଇଁ ଦସ୍ତଖତ ଅଭିଯାନ ଜାରି

ଭଦ୍ରକ ଅଫିସ,୧୬।୯

ଭଦ୍ରକ ଜିଲାରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ଦସ୍ତଖତ ଅଭିଯାନ ଜାରି ରହିଛି। ଏହି ଅଭିଯାନ ରବିବାର ୬ଷ୍ଠ ଦିନରେ ପହଞ୍ଚିଥିଲା। ଜିଲାରେ ମେଡ଼ିକାଲ ସ୍ଥାପନ ପାଇଁ ବିଭିନ୍ନ ମହଲରୁ ଦାବି ଦିନକୁଦିନ ବଢ଼ିବାରେ ଲାଗିଛି। ଭଦ୍ରକ ସହର ବ୍ୟତୀତ ଉପକଣ୍ଠ ଓ ଅନ୍ୟ ବ୍ଲକଗୁଡ଼ିକରେ ଏହି ଦାବି ଜୋର ଧରିଛି। କେତେକ ଯୁବନେତାଙ୍କ ଉଦ୍ୟମକ୍ରମେ ବନ୍ତ ଛକ ପୋଲ ତଳେ ଓ ଭଦ୍ରକ କଲେଜ ସମ୍ମୁଖରେ ଦସ୍ତଖତ ଅଭିଯାନ ଚାଲୁ ରହିଛି। ପ୍ରାୟ ୨ ହଜାର ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ବ୍ୟବସାୟୀ, ସାହିତ୍ୟିକ, ବୁଦ୍ଧିଜୀବୀ ଅଭିଯାନରେ ସାମିଲ ହେଲେଣି। ବନ୍ତ ଛକ ପୋଲ ତଳେ ଚାଲିଥିବା ଅଭିଯାନ କାର୍ଯ୍ୟକ୍ରମରେ ସ୍ୱତଃପ୍ରବୃତ୍ତ ଭାବେ ଆନ୍ଦୋଳନର ଯଥାର୍ଥତାକୁ ଉପଲବ୍ଧି କରି ଦସ୍ତଖତ କରୁଥିବା ଦେଖିବାକୁ ମିଳିଛି। ବିଜୟ ରାଉତ, ସାଇଗୋପୀନାଥ ପଣ୍ଡା, ସୁବାସ ଦୀକ୍ଷିତ, ବିସ୍ମୟ ଜେନା, ହରିହର ମଲ୍ଲିକ, ଅକ୍ଷୟ ସେନାପତି, ଅଜୟ ମହାନ୍ତି, ସୁଧାଂଶୁ ସାମନ୍ତ, ଆଲୋକ ସିଂ ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି।




ଦସ୍ତଖତ ଫ୍ଲେକ୍ସ ନିକଟରେ ଭିଡ଼।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣଛାଡ଼, ସହାୟତା ଦାବି

ଚାନ୍ଦବାଲି,୧୬।୯(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ମତୋଠାରେ ରବିବାର କଂଗ୍ରେସ କୃଷକ ସେଲ୍‌ର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ବର୍ଷା ସାଙ୍ଗକୁ ବନ୍ୟାର କ୍ଷୟକ୍ଷତି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଚାଷୀଙ୍କ ପାଇଁ କେତେକ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରସ୍ତାବ ସମ୍ପର୍କରେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ। ଚଳିତ ଖରିଫ ଋତୁରେ ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ସହ ସମସ୍ତ ଚାଷୀଙ୍କୁ ଦିଆଯାଇଥିବା ଖରିଫ ଋଣଛାଡ଼ କରାଯାଉ ବୋଲି ଦାବି ହୋଇଛି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ରବି ଋଣ ପ୍ରଦାନ, ତାଲିକାରୁ ବାଦ୍ ପଡ଼ିଥିବା କୃଷକ ଓ କୃଷି ଶ୍ରମିକ ପରିବାରକୁ ସ୍ୱାସ୍ଥ୍ୟ ଓ ଖାଉଟି କାର୍ଡରେ ସାମିଲ କରିବା, କୃଷକଙ୍କୁ ମାସିକ ଭତ୍ତା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଚାନ୍ଦବାଲି ବ୍ଲକ କୃଷକ ସେଲ୍ ଅଧ୍ୟକ୍ଷ କିଶୁରାମ ଜେନା, ୮ ପଞ୍ଚାୟତର କୃଷକ ନେତା ରାଜେନ୍ଦ୍ର କୁମାର ସାହୁ, ରଞ୍ଜିତ ରାଉଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ବୁଦ୍ଧିରାମ ରାଉତ, ତୁଷାରକାନ୍ତ ବଳ, ଅଲେଖ ଚନ୍ଦ୍ର ରାଉତ, ଦିବାକର ମହାଳିକ, ରାଜେନ୍ଦ୍ର ସ୍ୱାଇଁ, ମଥୁରି ମୋହନ ବେହେରା, ଭକ୍ତହରି ସାହୁ, ନରହରି ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ସୁବେଦାର ମେଜର ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ

ଆରଡ଼ି,୧୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ କୁଲେଇପଦାର ସେନା ବାହିନୀର ଅବସରପ୍ରାପ୍ତ ସୁବେଦାର ମେଜର ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ଏକାଦଶାହ ଉପଲକ୍ଷେ ରବିବାର ଅପରାହ୍ନରେ ତାଙ୍କ ଗାଁରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦୀପ୍ତିରଞ୍ଜନ ନାୟକଙ୍କ ସଞ୍ଚାଳନରେ ସଭା ଆୟୋଜିତ ହୋଇଥିଲା। ଭଦ୍ରକ ଜିଲା ଅବସରପ୍ରାପ୍ତ ସେନାବାହିନୀ ସଂଘ ସଭାପତି ରୋହିତ କୁମାର ରାୟ, କର୍ମକର୍ତ୍ତା ନାରାୟଣ ଚନ୍ଦ୍ର ଦାସ, ଅଶୋକ କୁମାର ମିଶ୍ର, ସତ୍ୟପ୍ରିୟ ମହାପାତ୍ର, ସୁବାସ ଚନ୍ଦ୍ର ଲେଙ୍କା, ମନୋହର ମଣ୍ଡଳ, ଅଖିଳ ଚନ୍ଦ୍ର ବାରିକ, ରଙ୍ଗାଧର ସାହୁ, ସୁଶାନ୍ତ କୁମାର ହୋତା, ମୁକ୍ତିକାନ୍ତ ବ୍ରହ୍ମଚାରୀ, ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## 'ଚେତନା ବିକାଶରେ ସହାୟକ ହୁଏ ଶିକ୍ଷା'

ତିହିଡ଼ି,୧୬।୯(ଡି.ଏନ.ଏ.)

ତିହିଡ଼ି ବ୍ଲକ କମାରିଆ ବଜାରସ୍ଥିତ ଆଇ ଆଣ୍ଡ ୟୁ କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନୃସିଂହ ଚରଣ ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗଙ୍ଗାଧର ଦାଶ ଯୋଗଦେଇ ଚେତନାର ବିକାଶରେ ଶିକ୍ଷା ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହରିହର ଲେଙ୍କା, ଅଧ୍ୟାପକ ଅଶୋକ କୁମାର ଗୋଚ୍ଛାୟତ, ଶିକ୍ଷକ ଅନାଦି ବେହେରା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସଭାପତି ଜିତେନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଓ ଶିକ୍ଷକ କୃପାସିନ୍ଧୁ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଦାଶରଥି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସକାଳେ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। କ୍ଲବ ସଦସ୍ୟ ଆଲୋକ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିସଭ୍ୟ ସୌମ୍ୟରଞ୍ଜନ ପରିଡ଼ା, ସୁନୀଲ କୁମାର ରାଉତ, ଶ୍ରୀକାନ୍ତ ନାୟକ, ନିଗମ ମହାପାତ୍ର, ଅଭୟ ସେନାପତି, ଜିତେନ୍ଦ୍ର ନାୟକ, ଜୟନାରାୟଣ ଘୋଷ, ଆଲୋକ ନାୟକ, ସୁଦାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ହଡ଼ପ

ପଦ୍ମପୁର,୧୬।୯(ଡି.ଏନ.ଏ.)

**ତଦନ୍ତ ଦାବି କଲେ ହିତାଧିକାରୀ**



ଖାଉଟି ସାମଗ୍ରୀ ପାଉ ନ ଥିବା ହିତାଧିକାରୀମାନେ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାର ଚାଉଳ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ରାଶନକାର୍ଡ ସଂଖ୍ୟା ୧୮୦୬ ଥିବାବେଳେ ୧୭୭ ଅନ୍ତ୍ୟୋଦୟ ହିତାଧିକାରୀ ରହିଛନ୍ତି। ଉକ୍ତ ଯୋଜନାରେ କାର୍ଡ ପିଛା ୩୫ କେଜି ଚାଉଳ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ହିତାଧିକାରୀମାନେ ୫ରୁ ୯ କେଜି ଚାଉଳ ପାଉଥିବା ନେଇ ପଞ୍ଚାୟତର ୩୮ ହିତାଧିକାରୀ ଅଭିଯୋଗ କରିଛନ୍ତି। ମଳିକାଦେଇପୁର ଗ୍ରାମର ନିରଞ୍ଜନ ଦାସ, ଲକ୍ଷ୍ମୀପ୍ରିୟା ବେହେରା, ସୁଷମା ଦାସ, ସୁବର୍ଣ୍ଣରେଖା ମିଶ୍ର, ଜେମାମଣି ନାୟକ ପ୍ରମୁଖ ଏ ସମ୍ପର୍କରେ ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଯୋଗାଣ ନିରୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାସ ମାସ ଧରି ଏଭଳି ଚାଉଳ ହଡ଼ପ କରାଯାଇଥିବା ହିତାଧିକାରୀମାନେ ଇଣ୍ଟରନେଟରୁ କାର୍ଡ ବାହାର କରି ଜାଣିବା ପରେ ଏହାର ତଦନ୍ତ ଦାବି କରିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ନିରୀକ୍ଷକ ବିଭିଷଣ ନାୟକ କହିଛନ୍ତି।

## ଯୁବକଙ୍କ ଆକ୍ରମଣରେ ମହିଳା ଗୁରତର

ତିହିଡ଼ି,୧୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ଜଣେ ଯୁବକଙ୍କ ଆକ୍ରମଣରେ ସେହି ଗ୍ରାମର ଲକ୍ଷ୍ମୀ ମହାନ୍ତି ନାମ୍ନୀ ଜଣେ ବିଧବା ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯୁବକ ଜଣଙ୍କ ମହିଳାଙ୍କୁ ଖାଇବାକୁ ମାଗିଥିଲେ। ସେ ମନା କରିବାରୁ ଯୁବକ ଜଣଙ୍କ ତାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ସଂକ୍ଷେପରେ

### ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର,୧୬।୯(ସ୍ୱ.ପ୍ର.): ଘସିପୁରା ଥାନା କୁଶେଇ ନଦୀର ଅତାସାହି ଘାଟରେ ରବିବାର ଗାଧୋଇଥିବା ସମୟରେ ଗୋଡ ଖସିଯାଇ ନିଖୋଜ ଥିବା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଅତାସାହି ଗାଁର ବୃଦ୍ଧା ହିରାମଣୀ ସାହୁ। ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଇଥିଲେ। ଦିନ ୪ଟାରେ ବେଲବାହାଲିଠାରେ ହୀରାମଣୀଙ୍କ ମୃତଦେହ ଭାସୁଥିବାର ଲୋକ ଦେଖି ଘସିପୁରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଅତାସାହି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ବିଦ୍ୟୁତ୍ ନେଲା କର୍ମଚାରୀଙ୍କ ଜୀବନ

ଆନନ୍ଦପୁର,୧୬।୯(ସ୍ୱ.ପ୍ର.): ଆନନ୍ଦପୁର ପୌରପରିଷଦ କାର୍ଯ୍ୟାଳୟ ନିକଟରେ ଏକ ଘରୋଇ ବିଲ୍ଡିଂ ତିନି ମହଲା ଛାତ ଉପରେ କାର୍ଯ୍ୟରତ ସମୟରେ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିନ୍ତାମଣି ମଲ୍ଲିକ। ତାଙ୍କ ଘର ବାଲେଶ୍ୱର ଜିଲାରେ। ତିନି ମହଲା ଛାତ ଉପରେ କାର୍ଯ୍ୟକରୁଥିବା ସମୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ହୋଇଥିଲା। ସେ ଛାତ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ପାଇ ଆନନ୍ଦପୁର ଓ ଘସିପୁରା ବିଦ୍ୟୁତ ବିଭାଗ କର୍ମଚାରୀମାନେ କ୍ଷତିପୂରଣ ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ।

### କଲେଜ ଛାତ୍ରୀ ନିଖୋଜ

ପାଟଣା, ୧୬।୯(ସ୍ୱ.ପ୍ର.): ପାଟଣା ବ୍ଲକ କେନ୍ଦେଇ ପସି ପଞ୍ଚାୟତ ଅଞ୍ଚଳର ଜଣେ କଲେଜରେ ପଢୁଥିବା ଛାତ୍ରୀ ଗତ ବୁଧବାର ରାତିରୁ ନିଖୋଜ ହୋଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ସମସ୍ତେ ଘରେ ଶୋଇଥିବା ବେଳେ ଝିଅ କୁଆଡେ ଚାଲି ଯାଇଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୯୨/୧୮) ରୁଜୁ ହୋଇଥିବା ଥାନା ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର କହିଛନ୍ତି।

### ସର୍ଦ୍ଦାର ଜନାର୍ଦ୍ଦନ ଚକ୍ରଙ୍କ ସ୍ମୃତିସଭା

ଆନନ୍ଦପୁର,୧୬।୯(ସ୍ୱ.ପ୍ର.): ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ଆଞ୍ଚଳିକସ୍ତରରେ ଥିବା ଅବସରପ୍ରାପ୍ତ କର୍ମଚାରୀ ସଂଘ ତଥା ବରିଷ୍ଠ ନାଗରିକ ପରିଷଦର ସଭାପତି ସର୍ଦ୍ଦାର ଜନାର୍ଦ୍ଦନ ଚକ୍ରଙ୍କ ବିୟୋଗରେ ମଞ୍ଚ ତରଫରୁ ତାଙ୍କ ବାସଭବନରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସଂଘର ଆବାହକ ସଞ୍ଜୟ ବସନ୍ତ ଚକ୍ର ଓ ସଦସ୍ୟ ବେଣୁଧର ନାୟକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବଳଭଦ୍ର ନାୟକ ଯୋଗଦେଇ ସ୍ୱର୍ଗତ ଚକ୍ରଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ମାୟାଧର ବିଶ୍ୱାଳ, ଗୋଲକ ବିଶ୍ୱାଳ, ଭରତ ଚନ୍ଦ୍ର ନାୟକ, ଗଣନାଥ ଦାସ, ବିରବର ଦାସ, ମାୟାଧର ପାତ୍ର, ସେକ୍ ମୋବାରକ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ଦିବସ ପାଳିତ

ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)- ଆନନ୍ଦପୁର ସତଶଙ୍ଗ ବିହାରଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ତମ ଜନ୍ମ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟୁଷରୁ ବିନତୀ ପ୍ରାର୍ଥଣା, ସକାଳ ୭ଟା ୫ରେ ଠାକୁରଙ୍କର ଜନ୍ମ ଲଗ୍ନ ଘୋଷଣା ହୋଇଥିଲା। ପରେ ଧର୍ମଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିନ ୧୧ଟା ୩୦ରେ ସତଶଙ୍ଗ ବିହାର ସଭାପତି ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଏକ ସତଶଙ୍ଗ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଭାବଦର୍ଶ ଉପରେ ପିତାମ୍ବର ସାହୁ, ଅତନୁ ନାୟକ ଓ ଡ. ରାମଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉତ୍ସବକୁ ସରସ ସୁନ୍ଦର କରିବାରେ ସତସଙ୍ଗର ସମ୍ପାଦକ ଚିତରଞ୍ଜନ ପରିଡା, ବଳରାମ ରାଉତ, ପତିତପାବନ ସାମନ୍ତରାୟ, ଜଗନ୍ନାଥ ପଟ୍ଟନାୟକ, ଉମାକାନ୍ତ ନାୟକ, ରମାପ୍ରସାଦ ବେହେରା, ପ୍ରଶାନ୍ତ କୁମାର ବେହେରା, ସନାତନ ରଣା, ସୂର୍ଯ୍ୟମଣି ପାତ୍ର ପ୍ରମୁଖ ସହାୟତା କରିଥିଲେ। ପରେ ଆନନ୍ଦ ବଜାର ପ୍ରସାଦ ସେବନ ହୋଇଥିଲା। ଏଥିରେ ହଜାରେରୁ ଉର୍ଦ୍ଧ୍ୱ ଗୁରୁ ଭାଇ ଓ ମା'ମାନେ ଯୋଗଦାନ କରିଥିଲେ।

■ ଚାନ୍ଦା ଆଦାୟ ମାମଲା

# ସାଢ଼େ ୪ ବର୍ଷ ପରେ ମାମଲା ରୁଜୁ

କେନ୍ଦୁଝର, ୧୬।୯(ସ୍ୱ.ପ୍ର.)

■ଧରପଗଡ଼ କରାଯାଉ ନ ଥିବାରୁ ଅସନ୍ତୋଷ
■ଅଦାଲତ ଆଦେଶକୁ ପୋଲିସର ଅବହେଳା

ଏକ ଲିଖିତ ଅଭିଯୋଗକୁ ପଞ୍ଜୀକରଣ କରିବାକୁ କେନ୍ଦୁଝର ଜିଲାର ଘଟଗାଁ ଥାନା ପୋଲିସକୁ ଲାଗିଲା ସାଢେ ୪ ବର୍ଷ। ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ତାହା ପଞ୍ଜୀକରଣ ଗତ ମାସ ୧ ତାରିଖରେ ହୋଇଛି। ଏ ନେଇ ଉଚ୍ଚନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ଅଭିଯୋଗର ୧ ବର୍ଷ ପରେ ପଞ୍ଜୀକରଣ ହୋଇଥିବା ଅଭିଯୋଗ ହୋଇଛି। ଏତଲା ପଞ୍ଜୀକରଣ ସତ୍ତ୍ୱେ ଚାନ୍ଦା ଆଦାୟ ଚାଲିଥିବାରୁ ପୋଲିସ ବିଭାଗର ଅଦାଲତ ଆଦେଶକୁ ଅବହେଳା କରାଯାଉଥିବାରୁ ଜିଲାରେ ପୋଲିସ ବ୍ୟବସ୍ଥାକୁ ଚିନ୍ତାଜନକ ବୋଲି ଆବେଦନକାରୀ ସଂଘ ପକ୍ଷରୁ କେସ ପରିଚାଳନା କରୁଥିବା ଆଇନଜୀବୀ ମିଥୁନ ଦାସ କହିଛନ୍ତି।

ଘଟଗାଁ ସ୍ଥିତ ଏକ ପ୍ରାଇଭେଟ ବସ୍ ଅନର୍ସ ଆସୋସିଏଶନ ନାମରେ ପ୍ରାଇଭେଟ ବସ ଷ୍ଟାଣ୍ଡରୁ କେତେକ ବାହାର ଲୋକ ଚାନ୍ଦା ଆଦାୟ କରୁଥିବା ନେଇ ଘଟଗାଁ ଥାନାରେ ୧ ଫେବୃୟାରୀ ୨୦୧୪ରେ ଆସୋସିଏଶନ ପକ୍ଷରୁ ଲିଖିତ ଏତଲା ହୋଇଥିଲା। ପୋଲିସ ଉକ୍ତ ଏତଲାକୁ ଗ୍ରହଣ କରିଥିଲେ ହେଁ ପଞ୍ଜୀକରଣ କରି ନ ଥିଲା। ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ରିଟ ପିଟିସନ(ନମ୍ବର ୧୮୮୨୧/୨୦୧୬) ଦାଖଲ କରିଥିଲେ। ଏ ନେଇ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ୨୩।୦୩।୨୦୧୭ରେ ଆଦେଶ କରିଥିଲେ। ଆଦେଶ କାର୍ଯ୍ୟକାରୀ ନ ହେବାରୁ ସଂଘ ପକ୍ଷରୁ ହାଇକୋର୍ଟରେ ଅଦାଲତ ଅବମାନନା କେସ ( ନମ୍ବର ୧୩୯୩/୨୦୧୭) ରୁଜୁ କରାଯାଇଥିଲା। ଶୁଣାଣି କରି କୋର୍ଟ ୦୧।୧୨।୨୦୧୭ରେ ଆଦେଶ କରି ୨ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଆଦେଶ କରିଥିଲେ ଏ ନେଇ ସଂଘ ପକ୍ଷରୁ ପୁନର୍ବାର ଅଦାଲତ ଅବମାନନା କେସ (ନମ୍ବର ୭୨୩/୨୦୧୮) ହାଇକୋର୍ଟରେ ରୁଜୁ କରାଯାଇଥିଲା। ଅଦାଲତ ଅବମାନନା କେସରୁ ମୁକୁଳିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଅମୂଳକ ପକ୍ଷ ରଖିଥିଲେ ବୋଲି ଅଭିଯୋଗ ହୋଇଛି। ଉଚ୍ଚ ନ୍ୟାୟାଳୟ ସଂଘ ପକ୍ଷରୁ କରାଯାଇଥିବା କେସ (ସିଆରଏଲଏମପି-୧୩୭୭/୨୦୧୫ର ଶୁଣାଣି କରି ଘଟଗାଁ ଥାନା ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଥିଲା। ଫଳରେ ଘଟଗାଁ ପୋଲିସ ୨୭।୦୭।୨୦୧୮ରେ (କେସ ନମ୍ବର ୧୨୦/୨୦୧୮)ରେ ଏତଲା ପଞ୍ଜୀକରଣ କରିଥିଲେ ବୋଲି ଆଇନଜୀବୀ ମିଥୁନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବାରୁ ପୁନର୍ବାର ଥାନା ସମ୍ମୁଖରୁ ଘରୋଇ ବସମାନଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୁନର୍ବାର ୧୦।୦୮।୨୦୧୮ରେ ଥାନାରେ ସଂଘ ପକ୍ଷରୁ ଏତଲା ଦିଆଯାଇଥିଲେ ହେଁ ତାହା ଧରପଗଡ଼ କରାଯାଉ ନ ଥିବାରୁ ପୋଲିସ ଏତାଦୃଶ୍ୟ କାର୍ଯ୍ୟକୁ ନେଇ ଅସନ୍ତୋଷ ବଢୁଛି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରିବର୍ତ୍ତେ ଚିଠି ନମ୍ବର ୮୬୯/୨୪।୦୬।୨୦୧୮ ଓ ୮୭୦/୨୪।୦୬।୨୦୧୮ରେ ଆଦାୟ କରୁଥିବା ସଂସ୍ଥାର ସଭାପତି ଓ ସମ୍ପାଦକଙ୍କୁ ଚିଠି କରି ଚାନ୍ଦା ଆଦାୟ କରିବାକୁ ବାରଣ କରି ଦାୟିତ୍ୱ ଶେଷ କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଘଟଗାଁ ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ଚାନ୍ଦା ଆଦାୟ କରିବାକୁ ମନା କରାଯାଇଛି। ଅଦାଲତଙ୍କ ଆଦେଶ ଅନୁଯାୟୀ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଚିକିତ୍ସା ସେବାରୁ ବଞ୍ଚିତ ପ୍ରସୂତି



ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଝୁମ୍ପୁରା, ୧୬।୯(ଡି.ଏନ.ଏ.)

ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ, ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ରହିଛି। ଆୟୁର୍ବେଦିକ ଡାକ୍ତରମାନଙ୍କ ହାତରେ ପ୍ରସୂତିଙ୍କୁ ଚକିତ୍ସା କରାଯାଉଛି। ଫଳରେ ବିପଦସଙ୍କୁଳ ଭାବେ ରୋଗୀଙ୍କୁ କେନ୍ଦୁଝର ତଥା ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ବହୁବାର ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୬ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା, ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା, ଖୁଣ୍ଟାପଡ଼ା ସରପଞ୍ଚ ଅନିତା ମାର୍ଡି, ଝୁମ୍ପୁରା ନାଏବ ସରପଞ୍ଚ କଫିଲ ଅନସାରୀ ପ୍ରମୁଖ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଛନ୍ତି। ବର୍ତ୍ତମାନ କେବଳ ପ୍ରତିଶ୍ରୁତିରେ କାମ ଚଳିଛି।

ଗତ ୧୫ ତାରିଖରେ ଜଙ୍ଗଲାଞ୍ଚଳରେ ଅବସ୍ଥିତ ନୟାଗଡ଼ ପଞ୍ଚାୟତ ଜଳପାପଶି ଗ୍ରାମର ଦେବକୀ ମହାନ୍ତ(୨୫)ଙ୍କ ପ୍ରସବ ବେଦନା ହେବାରୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତର ନ ଥିବା ବେଳେ ନର୍ସମାନଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଇଥିଲା। ଫଳରେ ଦେବକୀଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସେହି ଦିନ ଗ୍ରାମାଞ୍ଚଳର ଆଉ ଜଣେ ମହିଳା ଡାକ୍ତରଙ୍କ ଅନୁପସ୍ଥିତିରେ ଚିକିତ୍ସା ସେବାରୁ ବଞ୍ଚିତ ହୋଇଥିଲେ। ବିଶେଷଜ୍ଞ ଡାକ୍ତର ନ ଥିବାରୁ ବାରମ୍ବାର ଏହିପରି ଅସୁବିଧା ହେଉଛି। ରୋଗୀସେବା ଠପ ହେଉଛି। ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପାଇଁ ଶତାଧିକ ଲୋକ ନିର୍ଭର କରୁଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିକେ ମୋହାଲୀଙ୍କୁ ପଚାରିବାରୁ ଡାକ୍ତରଙ୍କ ନିଯୁକ୍ତି ନେଇ ବାରମ୍ବାର ରିପୋର୍ଟ ଦେଇ ଚାଲିଛୁ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱରୂପ ମିଶ୍ରଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ।

# ମିଳିତ ମଞ୍ଚର ଧାରଣା ଜାରି

ଯୋଡ଼ା, ୧୬।୯(ଡି.ଏନ.ଏ.)



ଯୋଡା ବ୍ଲକରେ ଶିକ୍ଷକମାନେ ଧାରଣା ଦେଇଛନ୍ତି।

■ସାମିଲ ହୋଇଛନ୍ତି ଶିକ୍ଷୟିତ୍ରୀଶିକ୍ଷକ
■ଛାତ୍ରୀଛାତ୍ରଙ୍କ ପାଠପଢା ବନ୍ଦ

ଓଡ଼ିଶା ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ଯୋଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ବ୍ଲକ ଶାଖା ତରଫରୁ ଦିଆଯାଇଥିବା ଧାରଣା ଜାରି ରହିଛି। ଧାରଣାରେ ଅସେଇଁକଳା ମା' ସନ୍ତୋଷୀ ଉଚ୍ଚ ବିଦ୍ୟାଳୟ, ଚମକପୁରର ମା' ଭୁଆଶୁଣୀ ଉଚ୍ଚ ବିଦ୍ୟାଳୟ, ବିଲେଇପଦା ଉଚ୍ଚ ବିଦ୍ୟାଳୟ, ଦବୁନା ଶ୍ରୀ ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ, ଗୁଆଲି ନିଳାଚଳ ଉଚ୍ଚ ବିଦ୍ୟାଳୟ, ଭୂୟାଁରୋଇଡା ତୀର୍ଥେଶ୍ୱର ଉଚ୍ଚ ବିଦ୍ୟାଳୟ, କଳିଙ୍ଗ ନଗର ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ବିଲ ସେଣ୍ଟମେରୀ ଓଡ଼ିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରଡିହି ଉଚ୍ଚ ବିଦ୍ୟାଳୟ, ଗୁରୁଡ଼ା ଧରଣୀଧର ଉଚ୍ଚ ବିଦ୍ୟାଳୟ, ଧୋବାକୁଚୁଡା ମଧ ଇଂରାଜୀ ଉଚ୍ଚ ବିଦ୍ୟାଳୟ ସମେତ ବଡ଼ବିଲ ମହାବିଦ୍ୟାଳୟ ଓ ଯୋଡା ମହିଳା ମହାବିଦ୍ୟାଳୟର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଛନ୍ତି।

ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଦୀର୍ଘ ଦିନ ଧରି ୪ ଦଫା ଦାବିରେ ଭୁବନେଶ୍ୱରଠାରେ ଆନ୍ଦୋଳନ ଜାରି ରହିଛି। ସରକାରଙ୍କ ଟାଳଟୁଳ ନୀତି ଓ ଉଦାସୀନତାକୁ ଶିକ୍ଷକମାନେ ବିରୋଧ କରିଛନ୍ତି। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ତଥା ଚାକିରି ସର୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ, ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ସପ୍ତମ ବେତନ କାର୍ଯ୍ୟକାରୀ, ଅନୁଦାନ ଦେବା ଆଳରେ ସତ୍ୟ ପାଠ କିମ୍ବା ଲିଖିତ ସୂଚନା ଦେବାକୁ ହୋଇଥିବା ନିର୍ଦ୍ଦେଶ ନାମାର ପ୍ରତ୍ୟାହାର କରାଯିବା ନେଇ ୪ ଦଫା ଦାବିରେ ଧାରଣା ଚାଲିଛି। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ଧାରଣା ଦିଆଯାଇଥିବା ଯୋଡା ଶାଖା ପକ୍ଷରୁ ରାଜ୍ୟ ଷ୍ଟିୟରିଂ କମିଟି ସଦସ୍ୟ ଶରତ କୁମାର ଭଞ୍ଜ, ବ୍ଲକ କମିଟି ସଦସ୍ୟ ସାବିତ୍ରୀ ମହାନ୍ତି, ଅରୁଣ ମିଶ୍ର, ପବିତ୍ର ମୋହନ କର, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ କହିଛନ୍ତି। ଦାବି ପୂରଣ ଦିଗରେ ସରକାର ଅଣଦେଖା କରୁଥିବାରୁ ସୋମବାର ଶିକ୍ଷକମାନଙ୍କ ଦ୍ୱାରା ଜିଲା ମୁଖ୍ୟାଳୟରେ ସହର ପରିକ୍ରମା ପରେ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯିବ ଏବଂ ମଙ୍ଗଳବାରଠାରୁ ଗାଁ ବୁଲି ଜନସାଧାରଣଙ୍କୁ ସଚେତନ କରିବେ ବୋଲି ସୂଚନା ମିଳିଛି। ଆନ୍ଦୋଳନ ଫଳରେ ଆଦିବାସୀ ବହୁଳ ଯୋଡା ବ୍ଲକରେ ୪ ହଜାର ୭ ଶହ ଛାତ୍ରୀଛାତ୍ରଙ୍କ ପାଠପଢା ବନ୍ଦ ହୋଇଯାଇଛି। ତାଙ୍କର ଭବିଷ୍ୟତ ଅନ୍ଧକାରରେ ରହିଛି।

## ମାଗଣା ସ୍ୱାସ୍ଥ୍ୟସେବା ପ୍ରହସନ

କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଉପଯୁକ୍ତ ତଦାରଖ ଅଭାବରୁ ସ୍ୱାସ୍ଥ୍ୟସେବା ପ୍ରହସନରେ ପରିଣତ ହୋଇଛି। ନିରାମୟା, ନିଦାନ ଆଦି ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ରୋଗୀମାନେ ଉଚିତ ସେବା ପାଇ ପାରୁ ନ ଥିବାରୁ ଅସନ୍ତୋଷ ବଢୁଛି। ନିରାମୟା ଯୋଜନା ଲାଗୁ ପରେ ଏବଂ ଜନ ଔଷଧୀ ବ୍ୟବସ୍ଥା ପରେ ମଧ୍ୟ ଜିଲାରେ, ଜିଲା ମୁଖ୍ୟାଳୟ ତଥା ଜିଲା ମୁଖ୍ୟଡାକ୍ତରଖାନା ତଥା ଅନ୍ୟ ଡାକ୍ତରଖାନା ନିକଟରେ ଔଷଧ ବିକ୍ରି କମୁ ନ ଥିବାରୁ ଉକ୍ତ ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ୱାସ୍ଥ୍ୟ ବିଭାଗ ସବୁ ସାମଗ୍ରୀ ଯୋଗାଇଦେଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଗରୀବ ଲୋକେ ଅର୍ଥାଭାବ ଯୋଗୁଁ ଚିକିତ୍ସା ସେବା ନ ପାଇ ଫେରିଯାଉଛନ୍ତି। ଏଭଳି ସମସ୍ୟ ବଢିବଢି ଚାଲିଥିବା ଉତଥାନ ଫାଉଣ୍ଡେଶନ ସାମାଜିକ ସଂସ୍ଥା ସତ୍ୟବ୍ରତ ନାୟକ ଉଦବେଗ ପ୍ରକାଶ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। କେତେକ ଟେକନସିଆନ ନିଜ ନିଜ କ୍ଲିନିକକୁ ରକ୍ତ, ମଳମୂତ୍ର ତଥା ଅନ୍ୟ ଟେଷ୍ଟ ପାଇଁ ରୋଗୀଙ୍କୁ ପଠାଇ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ପ୍ରଶାସନ ଚଢାଉ କଲେ ବେଶ ଜାଣିପାରିବେ ବୋଲି ମତ ପ୍ରକାଶ ପାଉଛି। ହେପାଟିଟିସି ବି, ଡେଙ୍ଗୁ ପାଇଁ ସିବିସି, ଲିପିଡ ପ୍ରୋଫାଇଲ ଆଦି ଟେଷ୍ଟ ହେଉନାହିଁ। ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ଅଟୋ ଆନାଲାଇଜର କାମ କରୁ ନ ଥିବାରୁ ରକ୍ତର ବହୁ ପରୀକ୍ଷା କରାଯାଇପାରୁନାହିଁ। ଅଲଟ୍ରାସାଉଣ୍ଡ ଅନେକ ସମୟରେ ଖରାପ ହେଉଥିବାରୁ ସେବା ମିଳୁନାହିଁ। ବାହାରେ ବହୁ ଅର୍ଥ ଖର୍ଚ୍ଚ କରି ଗରୀବ ଲୋକ ପରୀକ୍ଷା କରୁଛନ୍ତି। ଏ ନେଇ ନୂତନ ଭାବେ ଯୋଗଦାନ କରିଥିବା ସିଡିଏମଓ ଦୃଷ୍ଟି ଦେବାକୁ ଦାବି ହେଉଛି।

■ ଫୁଟବଲ ଟୁର୍ନାମେଣ୍ଟ

## ଜାମୁଦା ଗାଗରାଇ(କ) ଚାମ୍ପିୟନ


ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ପାଟଣା, ୧୬।୯(ସ୍ୱ.ପ୍ର.)

ପାଟଣା ବ୍ଲକ କେନ୍ଦେଇ ପସି ପଞ୍ଚାୟତ ମହିସାମୁଣ୍ଡିସ୍ଥିତ ମା' ବିଶୋଇପାଟ କ୍ଲବର ଅଷ୍ଟମ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ମୁଖ୍ୟ ବକ୍ତା ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ କୁଶଳ ଚନ୍ଦ୍ର ନାଏକ, ଅବସରପ୍ରାପ୍ତ ଉପଜିଲାପାଳ ଦୋଳ ଗୋବିନ୍ଦ ନାଏକ, ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ସାମାଜିକ କର୍ମୀ ନବ କିଶୋର ପୃଷ୍ଟି ଓ ସମବାୟସମିତି ଡାଇରେକ୍ଟର ଅଜିତ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

ବିଜୟୀ ଜାମୁଦା ଗାଗରାଇ (କ) ଦଳକୁ ୧୨ ହଜାର ଟଙ୍କା ନଗଦ ଅର୍ଥ ସହ ଟ୍ରଫି ଓ ରନର୍ସଅଫ ବ୍ରଦର ଆଣ୍ଡ ବ୍ରଦର ମହିସାମୁଣ୍ଡି ଦଳକୁ ୯ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ଅଖିଳ ଚରଣ ନାଏକ ସଭା ପରିଚାଳନା କରିଥିଲେ। ବୁଲବୁଲ ଆପଟ ଧାରା ବିବରଣୀ ପ୍ରଦାନ କରିଥିଲେ। ରେଫରୀ ଭାବେ ଶଙ୍କର୍ଷଣ ନାଏକ ଓ ଅର୍ଜ୍ଜୁନ ମହାକୁଡ଼ କାର୍ଯ୍ୟ ତୁଲାଇଥିଲେ।

# ଭାଲୁ କାମୁଡ଼ାରେ ୩ ଗୁରୁତର

ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)

ଆନନ୍ଦପୁର ଥାନା ପଣଷଡ଼ିହା ଓ ମନୋହରପୁର ପଞ୍ଚାୟତ ଅଞ୍ଚଳରେ ରବିବାର ଭାଲୁ କାମୁଡ଼ାରେ ୩ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପଣଷଡ଼ିହା ପଞ୍ଚାୟତ ଆଧାରଝର ଗାଁର ରେଙ୍ଗସା ହୋ ଗ୍ରାମ ନିକଟ ବିଲକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ୨ ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଲୋକେ ପହଞ୍ଚିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳେଇଯାଇଥିଲା। ରେଙ୍ଗସାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହିପରି ଅଶନବାହାଳୀ ଗ୍ରାମର ଜିଜି ହୋ ଜଙ୍ଗଲ ମଧ୍ୟକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ମନୋହରପୁର ଗାଁର ଇସୁନ ସୋରେନ ବିଲରେ କାମ କରୁଥିବା ସମୟରେ ଏକ ମାଇ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

## ମହାବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବୈଠକ


ବୈଠକରେ ଯୋଗ ଦେଇଥିବା ପୁରାତନ ଛାତ୍ରମାନେ।

ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)

ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ରମାକାନ୍ତ ନାୟକଙ୍କ ସଂଯୋଜନାରେ ପୁରାତନ ଛାତ୍ରଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଲେଜର ଉନ୍ନତି ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ପୁରାତନ ଛାତ୍ରମାନଙ୍କୁ ନେଇ ସଂଘ ଗଠନ କରାଯିବା ପାଇଁ ଆଲୋଚନା ହୋଇଥିଲା।

ଏକ ହ୍ୱାଟସ ଆପ ଗ୍ରୁପ ଖୋଲାଯାଇ ସମସ୍ତ ଛାତ୍ରଙ୍କର ନମ୍ବରରେ ଯୋଗାଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ରବିବାର ଅନୁଷ୍ଠିତ ବୈଠକରେ କମ୍ ସଂଖ୍ୟାକ ପୁରାତନ ଛାତ୍ର ଉପସ୍ଥିତ ଥିବାରୁ ଆଗାମୀ ୩୦ ତାରିଖ ୧୦ଟା ସମୟରେ ପୁନର୍ବାର ଏକ ବୈଠକ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂରାତନ ଛାତ୍ରଙ୍କ ସମେତ ମହାବିଦ୍ୟାଳୟର ଅଧାପକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# 'ଦିବ୍ୟାଙ୍ଗ ହେଲେ ବି ସକ୍ଷମ'

ଚମ୍ପୁଆ, ୧୬।୯(ଡି.ଏନ.ଏ.)


ଯୋଗ ଶିବିରରେ ରାମଚନ୍ଦ୍ର।

■ପେସାରେ ରଙ୍ଗ କାରିଗର ନିଶାରେ ଯୋଗ ଶିକ୍ଷକ
■ନିଶାରେ ଯୋଗ ଶିକ୍ଷକ

ଚମ୍ପୁଆ ସଦର ମହକୁମାର ଗୌଡ଼ସାହିରେ ରହୁଛନ୍ତି ପିଣ୍ଟୁ ଓରଫ ରାମଚନ୍ଦ୍ର ରଜକ। ପେଷାରେ ସେ ଜଣେ ରଙ୍ଗ କାରିଗର ହୋଇଥିଲେ ହେଁ ନିଶା ତାଙ୍କର ଯୋଗ ଶିକ୍ଷା। ବୟସ ମାତ୍ର ୧୯ ବର୍ଷ। ଯୋଗ ଶିକ୍ଷାର ସେ ପାରଙ୍ଗମ। ଛୋଟ ବେଳୁ କାନକୁ ଶୁଭୁ ନ ଥିବା ବେଳେ କଥା କହି ନ ପାରୁ ଥିଲେ। ଦିବ୍ୟାଙ୍ଗ ହୋଇ ବି ସେ ଏବେ ସକ୍ଷମ ହୋଇପାରିଛନ୍ତି। ରାମଚନ୍ଦ୍ର ଏବେ ସ୍ଥାନୀୟ ଅଞ୍ଚଳ ତଥା ଚମ୍ପୁଆ ପତଳି ଯୋଗ ଶିବିରର ମାଗଣା ଯୋଗ ଶିକ୍ଷା ପ୍ରଦାନ କରି ଆସୁଛନ୍ତି। ପିତା ରଘୁନନ୍ଦନ ରଜକଙ୍କ ଗୋଟିଏ ପୁଅ ଦୁଇ ଝିଅ। ରାମଚନ୍ଦ୍ରଙ୍କ ୫ ବର୍ଷ ବୟସ ସମୟରେ ପିତା ରଘୁନନ୍ଦନଙ୍କ ମୃତ୍ୟୁ ପରେ ପରିବାରର ବୋଝ ମା' ଇନ୍ଦୁମଣୀ ରଜକଙ୍କ ଉପରେ ପଡିଥିଲା। ବଡ ଝିଅର ବାହାଘର ଓ ସାନ ଝିଅର ମୃତ୍ୟୁ ସହ ରାମଚନ୍ଦ୍ରଙ୍କ ଜନ୍ମ ବେଳୁ ଭିନ୍ନ କ୍ଷମତା ଇନ୍ଦୁମଣୀଙ୍କୁ ବଡ ବ୍ୟଥିତ କରି ପକାଇଥିଲା। ଭିନ୍ନକ୍ଷମ ରାମଚନ୍ଦ୍ରଙ୍କୁ ପଢାଇବା ପାଇଁ ମା' ଆପ୍ରାଣ ଉଦ୍ୟମ କରିଥିଲେ। ଭିନ୍ନକ୍ଷମତା ଯୋଗୁଁ ରାମଚନ୍ଦ୍ର ଦଶମ ଶ୍ରେଣୀର ପରୀକ୍ଷାରେ କୃତ କାର୍ଯ୍ୟ ହୋଇ ନ ପାରି ପାଠ ପଢାରେ ଡୋରି ବାନ୍ଧି ଥିଲେ।

ସାମାଜିକ ସ୍ରୋତରେ ନିଜକୁ ସାମିଲ କରିବାକୁ ଯାଇ ରାମଚନ୍ଦ୍ର ରଙ୍ଗ ମିସ୍ତ୍ରୀଙ୍କ ସହ କିଛି ମାସ ହେଲପର ଭାବେ କାମ କରିଥିଲେ। କାମ କରିବା ଆଗ୍ରହ ପର ମୁହୂର୍ତ୍ତରେ ଜଣେ କାରିଗରର ପରିଚୟ ଦେଇଥିଲା। ସ୍ଥାନୀୟ ଅଞ୍ଚଳର ପୂର୍ବତନ ସୈନିକ ପ୍ରକାଶ ପ୍ରଧାନଙ୍କ ପ୍ରେରଣାଉତଥା ତତ୍ତ୍ୱାବଧାନରେ ହରିଦ୍ୱାରସ୍ଥିତ ପତଳି ଯୋଗ ଶିବିରରେ ୧୫ ଦିନ ଧରି ଯୋଗ ଶିକ୍ଷା ଗ୍ରହଣ କରିବା ପରେ ସାମାନ୍ୟ କଥା କହିବା ଆରମ୍ଭ କରିଥିଲେ ବୋଲି ରାମଚନ୍ଦ୍ର କୁହନ୍ତି। ବାବା ରାମଦେବଙ୍କ ଆଶୀର୍ବାଦ ପାଇ ରାମଚନ୍ଦ୍ର ଚମ୍ପୁଆ ଫେରି ଆସିବା ସହ ତେଲକୋଇ ଓ ଚମ୍ପୁଆରେ ଯୋଗ ଶିକ୍ଷା ପ୍ରଦାନ କରିଆସୁଛନ୍ତି। ଭୋର ୪ଟା ବେଳୁ ବିଛଣା ଛାଡିବା ଓ ନିତ୍ୟକର୍ମ ଶେଷ କରି ୩ କି.ମି. ଚାଲିବା ପରେ ନେହେରୁ ଷ୍ଟାଡିୟମଠାରେ ୩ଘଣ୍ଟା ଧରି ଯୋଗ କରିବା ସହ ପତଳି ଯୋଗ ଶିବିରର ସଭ୍ୟମାନଙ୍କୁ ଯୋଗ ଶିକ୍ଷା ଦେଇଥାନ୍ତି। ସନ୍ଧ୍ୟା ସମୟରେ ମଧ୍ୟ ନିଜ ଘରେ ୧ ଘଣ୍ଟା ଧରି ଯୋଗ କରନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି। ଯୋଗ ଦ୍ୱାରା ଏବେ ସେ ଖନେଇ ହୋଇ କଥା କହି ପାରୁଥିବା ବେଳେ ସାମାନ୍ୟ ଶୁଣି ପାରୁଛନ୍ତି। ଦିନ ସାରା ରଙ୍ଗ କାମରେ ନିଜକୁ ନିୟୋଜିତ କରୁଥିବା ରାମଚନ୍ଦ୍ର ସ୍ଥାନୀୟ ଅଞ୍ଚଳର ଦିବ୍ୟାଙ୍ଗ ଓ ଯୁବ ପିଢି ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି।

## ସଂକ୍ଷେପରେ

### ମୁଖ୍ୟ ଅଭିଯୁକ୍ତ ଗିରଫ

**କେନ୍ଦୁଝର, ୧୬।୯(ସ୍ୱ.ପ୍ର.):** ସଦର ଥାନା ପଦ୍ମପୁର ଗ୍ରାମରେ ଗତ ଜୁଲାଇ ୨୫ରେ ଏକ ଏଟିଏମ ଲୁଟ ଉଦ୍ୟମ ଘଟଣାର ମାଷ୍ଟର ମାଇଣ୍ଡଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମ ପ୍ରକାଶ ସେଠୀ ଓରଫ ପଞ୍ଝା। ପୋଲିସ ଘଟଣାର ତଦନ୍ତ କରି ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଉକ୍ତ ଘଟଣାରେ ବ୍ୟାଙ୍କର ଜଗୁଆଳିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଲୁଟ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଦୁର୍ବୃତ୍ତମାନେ ଜଗୁଆଳିଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥି ପାଇଁ ଜଗୁଆଳିଙ୍କୁ ପୋଲିସ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

### ସାପ ନେଲା ମହିଳାଙ୍କ ଜୀବନ

**ପାଟଣା,୧୬।୯(ସ୍ୱ.ପ୍ର.):** ସାହାରପଡ଼ା ବ୍ଲକ ଶଙ୍ଖୁଆ ଗ୍ରାମ ଜାରକିନାଳ ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କର ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ତୁଶିଲ ମାଝୀଙ୍କ ସ୍ତ୍ରୀ ଓଝା। ଶନିବାର ରାତିରେ ଘରେ ଶୋଇଥିବା ବେଳେ କୌଣସି ବିଷଧର ସର୍ପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୧୮) ରୁଜୁ ହୋଇଥିବା ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି କହିଛନ୍ତି। ରବିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ୟାପୁଛି ଫାଟୁଆ ରୋଗ

**ରାଇସୁଆଁ,୧୬।୯(ଡି.ଏନ.ଏ.):** ଗୋ ପାଳନ ପାଇଁ ଲୋକଙ୍କୁ ପ୍ରୋତ୍ସାହନ ମିଳୁଛି। ଉନ୍ନତମାନର ଗାଈ ଯୋଗାଇ ଦିଆଯାଉଛି। ରୋଗରୁ ରକ୍ଷା କରିବା ପାଇଁ ପଶୁ ଚିକିତ୍ସାଳୟ ଖୋଲାଯାଇଛି। ଡାକ୍ତର ନିଯୁକ୍ତି ହୋଇଛନ୍ତି। ବହୁ ଟଙ୍କା ଖର୍ଚ୍ଚ ହେଉଛି। ସଦର ଅଞ୍ଚଳର ପଦ୍ମପୁର, ଗୋବର୍ଦ୍ଧନ, ମହାଦେଇଯୋଡା, ପଳାଶପଙ୍ଗା, ବାଉରୀପଦା, ରାଇସୁଆଁ, ନରଣପୁର, ନେଲୁଙ୍ଗ, ପର୍ଜନପୁର,ବରଦାପାଳରେ ଭଳି ସଦର ବ୍ଲକ ଅଞ୍ଚଳରେ ଫୁଟୁଆ ରୋଗ ବ୍ୟାପିବାରେ ଲାଗିଛି। ଚାଷୀ ଚିନ୍ତାରେ ରହିଛନ୍ତି। ବହୁ ଗୋରୁଙ୍କ ସମ୍ପୃକ୍ତ ରୋଗରେ ମୃତ୍ୟୁ ଘଟିଛି। ଏଥିପ୍ରତି ଜିଲା ପଶୁ ବିଭାଗ ଦୃଷ୍ଟି ଦେବାକୁ ସଦର ଅଞ୍ଚଳର ଚାଷୀ ଦାବି କରିଛନ୍ତି।

### ଗଣେଶ ଭସାଣି ଉତ୍ସବ

**କୋଲିମାଟି, ୧୬।୯-** ଆନନ୍ଦପୁର ଅଞ୍ଚଳର ଅର୍ଜୁନବଣିଆ, ଯାତ୍ରାକୁସୁମ, ବୁଢୀକୁଦ, ନୂଆପଡ଼ା ଗ୍ରାମରେ ଡିଜେ ବଜାଇ ଧୁମଧାମରେ ଗଣେଶଙ୍କ ଭସାଣି ଉତ୍ସବ ପାଳିତ ହୋଇଛି। ଗାଁର ଲୋକେ ବର୍ଷା ପାଗରେ ବି ନାଚ କରି ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ନାନା ରଙ୍ଗର ପୋଷାକ ପରିଧାନ କରିଥିଲେ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ନୀଳଗିରି/ସଜନାଗଡ଼, ୧୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ରିଙ୍ଗପୁର ଗ୍ରାମର ଜୟରାମ ସିଂ (୪୫) ନାମକ ବ୍ୟକ୍ତି ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବନାଞ୍ଚଳ ଅଧିନ ସ୍ୱର୍ଣ୍ଣଚୁଡ଼ ସଂରକ୍ଷଣ ପାଦଦେଶ ରିଙ୍ଗପୁର ଗ୍ରାମର ଜୟରାମ ସକାଳେ ନିଜ ବାଡ଼ିକୁ ଶୌଚ ପାଇଁ ଯାଇଥିବା ବେଳେ ଦୁଇଟି ଭାଲୁ ହାବୁଡରେ ପଡିଥିଲେ। ଯୁବକଙ୍କ ଚିତ୍କାର ଶୁଣି ଗାଁ ଲୋକେ ପହଞ୍ଚି ଯିବାରୁ ଭାଲୁଟି ଯୁବକଙ୍କୁ ଛାଡ଼ି ଜଙ୍ଗଲକୁ ପଳାଇଯାଇଥିଲା। ଏଥିରେ ତାଙ୍କର ମୁହଁ, ମୁଣ୍ଡ, ପିଠ ଏବଂ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ସୋର, ୧୬।୯(ଡି.ଏନ.ଏ.):** ଖଇରା ଥାନା ଅଧୀନ ଡଗରପଡା ଅଗାଶୋଳ ଗ୍ରାମର ବସନ୍ତ ବେହେରାଙ୍କ ୩ ବର୍ଷର ପୁଅ ପ୍ରତ୍ୟୁଷ ରବିବାର ସକାଳେ ଘର ଆଗରେ ଖେଳୁଥିବା ବେଳେ ନିକଟରେ ଥିବା ଏକ ଗାଡିଆରେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଅଚେତ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦେଶୀ ପନିପରିବାର ସ୍ୱାଦ ନିଆରା

**କେନ୍ଦୁଝର, ୧୬।୯(ସ୍ୱ.ପ୍ର.)**


ରାସ୍ତାକଡ଼ରେ କାକୁଡି ଓ ଦେଶୀ ମକା ବିକ୍ରି କରାଯାଉଛି।

- ରାସ୍ତାକଡ଼ରେ ବେପାର
- ପାହାଡ଼ି କାକୁଡ଼ି, ମକାର ଚାହିଦା ଅଧିକ
- ଭାଗ ୧୦ରୁ ୨୦ ଟଙ୍କାରେ ମିଳୁଛି

ବର୍ଷା ଦିନରେ କେନ୍ଦୁଝର ସହର ତଥା ଜିଲାର ବିଭିନ୍ନ ଅଞ୍ଚଳର ରାସ୍ତାକଡ଼ରେ ପାହାଡ଼ି ପନିପରିବା ଓ ଫଳର ଆସର ଦେଖିବାକୁ ମିଳେ। ପାହାଡ଼ି କାକୁଡି ଓ ମକାର ଚାହିଦା ରହିଥାଏ। ବିନା ସାରରେ ପ୍ରାକୃତିକ ପରିବେଶରେ ଫଳିଥିବା କାକୁଡି ଓ ମକାର ଚାହିଦା ଅଧିକ ରହିଛି। ପାହାଡ଼ରୁ ଆସୁଥିବା ବନବାସୀମାନେ ଭାଗ ୧୦ରୁ ୨୦ ଟଙ୍କାରେ ବିକିଥାନ୍ତି। କାକୁଡି ଖାଇବା ପାଇଁ ଲୋକମାନେ କିଣି ନିଅନ୍ତି। ବେପାରୀମାନେ କାକୁଡିକୁ ହାଟବଜାର ତଥା ଗ୍ରାମରୁ କମ ଦାମରେ କିଣି ଅନ୍ୟ ସହରରେ ଦୁଇରୁ ତିନି ଗୁଣା ଦରରେ ବିକିଲାଭ ବାନ ହୋଇଥାନ୍ତି। ଦରଦାମ କମ ଥିବାରୁ ବନବାସୀମାନେ ପରିଶ୍ରମ ଓ ଗାଡିଭଡ଼ା ଓ ଖାଇବା ଭଳି ଖର୍ଚ୍ଚକୁ ହିସାବ କଲେ ବିଶେଷ ଲାଭ ପାଆନ୍ତି ନାହିଁ। ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇ ପାରେନାହିଁ। ବଇତାଳୁ, କଦଳୀ ଆଦି ପନିପରିବା ଆଣି ବିକିଥାନ୍ତି। ପ୍ରଶାସନ ପକ୍ଷରୁ ସୁରକ୍ଷା ଦିଆଗଲେ ଏବଂ ବଳକା ପରିବା ଓ ଫଳ ଆଦି ଗଚ୍ଛିତ ରଖିବା ପାଇଁ ବ୍ୟବସ୍ଥା କରାଗଲେ ସେମାନେ ସେସବୁ ବିକି ଦୁଇ ପଇସା ଅଧିକ ଲାଭ କରିପାରନ୍ତେ। ଅସାଧୁ ବେପାରୀଙ୍କ ଶୋଷଣରୁ ସୁରକ୍ଷା ପାଇପାରନ୍ତେ ବୋଲି କୃଷକ ନେତା କୀର୍ତ୍ତନ ବିହାରୀ ଜେନା କହିଛନ୍ତି।

ଛୋଟ କାକୁଡି ଖାଲି କଞ୍ଚା କାଟିଖାଇବାକୁ ଭଲ ଲାଗେ। ବଡ କାକୁଡିକୁ ଅନେକ ରାଇ ତରକାରୀ, ଖଟା ଆଦି କରି ଖାଇଥାନ୍ତି। ମକାର ଚାହିଦା ମଧ୍ୟ ସବୁଠି ଅଛି। ଦେଶୀ ମକା ଭାବରେ ପାହାଡିଆ ମକାର ଚାହିଦା ଅଧିକ। ପାହାଡ଼ରେ ତଇଲା କାଟି ବନବାସୀ ପାରମ୍ପାରିକ ତରିକାରେ ମକା ଚାଷ କରିଥାନ୍ତି। ଯଦିଓ ଆଜିକାଲି ହାଇବ୍ରିଡ ମକାର ପ୍ରବେଶ ହୋଇ ସାରିଲାଣି। ଦେଶୀ ମକାର ସ୍ୱାଦ ନିଆରା। ମକା ଅନ୍ୟ ଜିଲା ଓ ବାହାର ରାଜ୍ୟକୁ ଚାଲାଣ ହୋଇଥାଏ। ମକାକୁ ପୋଡି ଓ ସିଝାଇ ଅନେକ ଖାଇଥାନ୍ତି। ଏହାକୁ ଶୁଖାଇ ନିଆଁରେ ଭାଜି ଖଇ ଭଳି ଖାଇଥାନ୍ତି। ଏହା ଛଡା ଏହାକୁ ଗୁଣ୍ଡ କରି ପିଠା, ଖିରି ଆଦି କରି ଖାଇଥାନ୍ତି।


କେନ୍ଦୁଝର କଲେଜ ରୋଡ଼ରେ ଆକର୍ଷଣୀୟ ଗଣପତିଙ୍କ ମେଢ଼।

## ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି

**ପାଟଣା, ୧୬।୯(ସ୍ୱ.ପ୍ର.)**

ପାଟଣା ବ୍ଲକ ଖିରେଇଟାଙ୍ଗିରି ପ୍ରାଥମିକ ବିଦ୍ୟାଳୟର ଛାତ୍ରବାସରୁ ଗତ ଗୁରୁବାର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ର ନିଖୋଜ ହୋଇଛନ୍ତି। ଏ ନେଇ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଳତା ମିଶ୍ର ଓ ଛାତ୍ରଙ୍କ ବାପା ଶୈଳେନ୍ଦ୍ର ବାନରା ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଖୋଜ ଛାତ୍ର ହେଉଛନ୍ତି ଆନନ୍ଦପୁର ଥାନା ବଡପୁରୁଣା ପାଣି ଗ୍ରାମର ବିନୋଦ କୁମାର ବାନରା। ବିନୋଦ ଗତ ବୁଧବାରଠାରୁ ନିଖୋଜ ଅଛନ୍ତି। ଛାତ୍ରଙ୍କୁ ଖୋଜାଖୋଜି ପରେ ବି ତାଙ୍କର ପତ୍ତା ମିଳିନି।

## ମନ୍ତ୍ରୀଙ୍କ ଗାଡ଼ି ଉପରକୁ ଢେଲାମାଡ଼

**ଆନନ୍ଦପୁର, ୧୬।୯(ସ୍ୱ.ପ୍ର.)**

ଆନନ୍ଦପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବେଲବାହାଳି ବଜାର ଉପରେ ଗଣଶିକ୍ଷା ଓ ବିଜ୍ଞାନ କାରିଗରି ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ଗାଡ଼ି ଉପରକୁ କେତେକ ଦୁର୍ବୃତ୍ତ ଢେଲାମାଡ଼ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବେଲବାହାଳି ବଜାରରେ ରବିବାର ରାତିରେ ଗଣେଶ ଭସାଣି ଚାଲିଥିବାବେଳେ ଟ୍ରାଫିକ୍ ଜାମ୍ ରହିଥିଲା। ସେହି ରାସ୍ତା ଦେଇ ମନ୍ତ୍ରୀ ଶ୍ରୀ ପାତ୍ର କାର୍‌ରେ ଯାଉଥିବାବେଳେ ଟ୍ରାଫିକ୍ ଜାମ୍ ଯୋଗୁ କିଛି ସମୟ ଅଟକି ରହିଥିଲେ। ସେହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ କାର୍ ଉପରକୁ ଅଚାନକ ଢେଲାମାଡ଼ କରିଥିବା ଜଣାଯାଇଛି। ଏଥିରେ ମନ୍ତ୍ରୀ ବସିଥିବା କାର୍‌ର ପଛପଟ କାଚ ଭାଙ୍ଗିଯାଇଥିବା ଜଣାପଡ଼ିଛି। ପରେ ସ୍ଥାନୀୟ ପୋଲିସ ପହଞ୍ଚି ମନ୍ତ୍ରୀଙ୍କ ଗାଡ଼ିକୁ ସୁରକ୍ଷିତ ଭାବେ ଟ୍ରାଫିକ୍ ଜାମ୍‌ରୁ ବାହାର କରିଥିଲେ। ଢେଲାମାଡ଼ରୁ ମନ୍ତ୍ରୀ ପାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଥାନାରେ କୌଣସି ମାମଲା ହୋଇ ନ ଥିବା ସୂଚନା ମିଳିଛି।

## ନିର୍ମାଣର ୨ ମାସରେ ରାସ୍ତା ଫାଟି ଆଁ

**ରାଇସୁଆଁ, ୧୬।୯(ଡି.ଏନ.ଏ.)**

ଗାଁକୁ ଗମନାଗମନର ସୁବିଧା ପାଇଁ ସରକାର ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ଏ ନେଇ ବହୁ ଟଙ୍କା ଖର୍ଚ୍ଚ ହେଉଛି। ପ୍ରଶାସନିକ କେତେକ ଅଧିକାରୀ, ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ରାସ୍ତା ନିର୍ମାଣ ପାଇଁ ଆସିଥିବା ଟଙ୍କା ହରିଲୁଟ ହେଉଛି। ରାସ୍ତା ନିର୍ମାଣର ୨ ମାସ ନ ପୁରୁଣୁ ପାଟି ଆଁ ହେଉଛି।

ଏପରି ଘଟଣା କେନ୍ଦୁଝର ଜିଲା ସଦର ବ୍ଲକ କେନ୍ଦୁପଶି- ନରସିଂପୁର- ମହାଦେଇଯୋଡ଼ା ରାସ୍ତାରେ ଦେଖିବାକୁ ମିଳିଛି। ନିର୍ମାଣ ପାଇଁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ରାସ୍ତା ନିର୍ମାଣର ୨ମାସ ନପୁରୁଣୁ ପିଚୁ ସମ୍ପୂର୍ଣ୍ଣ ଉଠି ଖାଲଖମା ହୋଇଛି। ରାସ୍ତାରେ ଚଳପ୍ରଚଳ ସମ୍ଭବ ହେଉନି। ଉକ୍ତ ରାସ୍ତା ଉପରେ ୭ରୁ ଊର୍ଦ୍ଧ୍ୱ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ନିର୍ମାଣର ତଦନ୍ତ କରିବା ପାଇଁ ଦାବି କରିଛନ୍ତି।

## ଠକେଇର ଶିକାର ହେଲେ ଯୁବତୀ

**ଆନନ୍ଦପୁର,୧୬।୯(ସ୍ୱ.ପ୍ର.)**

ଘସିପୁରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ଦ୍ୱାରା ଜଣେ ଯୁବତୀ ଠକେଇର ଶିକାର ହୋଇଛନ୍ତି। ନ୍ୟାୟ ପାଇଁ ସମ୍ପୃକ୍ତ ଯୁବତୀ ଜଣଙ୍କ ଘସିପୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୋସିଆଲ ମିଡ଼ିଆରେ ଖବରଦାତା ଆବଶ୍ୟକ ଦିଆଯାଇଥିବା ଏକ ବିଜ୍ଞାପନକୁ ଦେଖି ନନ୍ଦିପଦା ଥାନା ଅଞ୍ଚଳ ଜଣେ ଯୁବତୀ ଯୋଗାଯୋଗ ନମ୍ବରେ ସମ୍ପର୍କ କରିଥିଲେ। ଯୋଗାଯୋଗ ପରେ ଘସିପୁରା ଅଞ୍ଚଳର ଜଣେ ଯୁବକ ଫୋନ ରିସିଭ୍ କରିଥିଲେ। ପରେ ୨୨ ହଜାର ଟଙ୍କା ଜମା କଲେ ଖବରଦାତା ଚାକିରି ମିଳିବ ବୋଲି ଯୁବକ ଜଣଙ୍କ କହିଥିଲେ। ଫଳରେ ଯୁବତୀ ଜଣଙ୍କ ବିଭିନ୍ନ କିସ୍ତିରେ ୨୨ ହଜାର ଟଙ୍କା ସମ୍ପୃକ୍ତ ଯୁବକଙ୍କୁ ଦେଇଥିଲେ। ମାତ୍ର ଯୁବତୀଙ୍କୁ କୌଣସି ନିଯୁକ୍ତି ପତ୍ର ମିଳି ନ ଥିଲା। ଫଳରେ ଯୁବତୀ ଜଣଙ୍କ ବିଚଳିତ ହାଇ ଉକ୍ତ ଯୁବକଙ୍କୁ ଯୋଗାଯୋଗ କରିଥିଲେ। ଆଉ ୧୦ ହଜାର ଟଙ୍କା ନ ଦେଲେ ତୁମର ନିଯୁକ୍ତି ପତ୍ର ନାକଚ କରିଦିଆଯିବ ବୋଲି ଯୁବକ ଜଣଙ୍କ ଉତ୍ତର ଦେଇଥିଲେ।

ଯୁବତୀ ଜଣଙ୍କ ନିରୁପାୟ ହୋଇ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିବା ପରେ ନିୟମ ମୁତାବକ ଯୁବକ ଜଣଙ୍କ ୩ ହଜାର ଟଙ୍କା ଦାଖଲ କରିଥିଲେ ବୋଲି ଜାଣିବାକୁ ପାଇଥିଲେ। ନିଯୁକ୍ତି ପତ୍ର ମଧ୍ୟ ଯୁବତୀ ଜଣଙ୍କ ପାଇଥିଲେ। ଅବଶିଷ୍ଟ ଅର୍ଥ ପାଇଁ ଜନୈକ ଯୁବକଙ୍କୁ ଯୋଗାଯୋଗ କରିବାରୁ ତୁମେ କାହିଁକି ଅଫିସରେ ମୋତେ ଦେଇଥିବ ଅର୍ଥ କଥା କହିଲ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିଯୁକ୍ତ ପତ୍ର ନାକଚ କରିଦେବି ବୋଲି କହି ଧମକ ଚମକ ଦେଇଥିଲେ। ଘଟଣାରେ ମର୍ମାହତ ହୋଇ ଯୁବତୀ ଜଣଙ୍କ ଆନନ୍ଦପୁର ପ୍ରେସ୍ କ୍ଲବର ସଭାପତି ଗୋପାଳ ରାଉତ ଓ ସମ୍ପାଦକ ସନ୍ତୋଷ ରାଉତଙ୍କ ସହ ଯୋଗାଯୋଗ କରି ଏକ ଲିଖିତ ପତ୍ର ଦେଇଥିଲେ। ପରେ ଯୁବତୀ ଜଣଙ୍କ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନା ଏସଆଇ ସାଇପ୍ରଭା ରାଉତଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଅର୍ଥ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## କୋର୍ଟର ନବ ନିର୍ମିତ ଗୃହ ଉଦ୍‌ଘାଟିତ

**ବଡ଼ବିଲ, ୧୬।୯(ସ୍ୱ.ପ୍ର.)**


କୋର୍ଟର ନୂତନ ଗୃହକୁ ଉଦ୍‌ଘାଟନ କରାଯାଉଛି।

ବଡ଼ବିଲସ୍ଥିତଠାରେ ଅତ୍ୟାଧୁନିକ ବ୍ୟବସ୍ଥାରେ ନବ ନିର୍ମିତ ସିଭିଲ ଜଜ୍ ତଥା ଜେଏମଏଫସି କୋର୍ଟ ଗୃହ ରବିବାର ଉଦ୍‌ଘାଟିତ ହୋଇଛି। ରାଜ୍ୟ ହାଇକୋର୍ଟର ୩ ଜଣ ଜଷ୍ଟିସ ଉଦ୍‌ଘାଟନରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ହାଇକୋର୍ଟ ଜଷ୍ଟିସ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଜଷ୍ଟିସ ସି. ଆର. ଦାଶ ଏବଂ ଜଷ୍ଟିସ ଜେ. ପି. ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ଜଜ୍ ତଥା ସେସନ୍ସ ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ, ବଡବିଲ ଜେଏମଏଫସି ଆଲୋକ ପଣ୍ଡା ପ୍ରମୁଖଙ୍କ ସହ ଚମ୍ପୁଆ, କେନ୍ଦୁଝର ଓ ଆନନ୍ଦପୁର କୋର୍ଟରୁ ଜଜ୍‌ମାନଙ୍କ ସହ ବରିଷ୍ଠ ଆଇନଜୀବୀମାନେ ଅତିଥି ଭାବେ ଯୋଗ ଦେଇଥିଲେ।

ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟ୍ଟୱାରୀ, ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ପୌରାଧ୍ୟକ୍ଷ ଦିଲିପ ମିଶ୍ର ଓ ଅନ୍ୟ ପ୍ରଶାସନିକ ଅଧରକାରୀ ଯୋଗ ଦେଇଥିଲେ। ବଡବିଲ ଆଇନଜୀବୀ ସଂଘର ସଭାପତି ଚନ୍ମୟ ବାରିକ, ସାଧାରଣ ସମ୍ପାଦକ ପ୍ରତାପ କୁମାର ଜେନା, ଉପସଭାପତି ପ୍ରଦୀପ କୁମାର ମହାନ୍ତ, ଯୁଗ୍ମସମ୍ପାଦକ ଦେବପ୍ରିୟ ରଣା, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସହ କାର୍ଯ୍ୟକାରୀ ସଦସ୍ୟ ଓ ସମସ୍ତ ଆଇନଜୀବୀ ଉପସ୍ଥିତ ରହିଥିଲେ।

## କ୍ରାଇମବ୍ରାଞ୍ଚ ଦ୍ୱାରା ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୬।୯**

ବାଲେଶ୍ୱର-ଭଦ୍ରକ ଜିଲାରେ ବେଆଇନ ଭାବେ ରେଳ ଟିକେଟ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ସୋର ରେଳ ଷ୍ଟେଶନରେ ରେଲୱେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପହଞ୍ଚି ଖନ୍ତାପଡ଼ା ଥାନା ବଡ଼ଗାଁ ଅଞ୍ଚଳର ଦିଲୀପ କୁମାର ସାହୁ ନାମକ ଯୁବକଙ୍କୁ ଗିରଫ କରିଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ତାଙ୍କଠାରୁ ୩ଟି ପ୍ରିମିୟମ୍ ତତ୍କାଳ ଟିକେଟ, ଗୋଟିଏ ତତ୍କାଳ ଟିକେଟ, ୨ଟି ପୂରଣ କରାଯାଇଥିବା ରିଜର୍ଭେଶନ୍ ଫର୍ମ ଏବଂ ୩ଟି ଫାଙ୍କା ରିଜର୍ଭେସନ୍ ଫର୍ମ ଜବତ କରିଛି। ଯାହାର ମୂଲ୍ୟ ୧୨, ୨୪୦ ଟଙ୍କା ହେବ। ୧୪୩ ରେଲୱେ ଅଧିନିୟମ ଅନୁଯାୟୀ ବାଲେଶ୍ୱର ରେଳ ଆରପିଏଫ୍ ପୋଲିସ ମାମଲା (ନଂ. ୧୦୦୩/୧୮) ରୁଜୁ କରି ଦିଲୀପଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି ବୋଲି ରେଲୱେ କ୍ରାଇମବ୍ରାଞ୍ଚ ଟିମ୍ ପ୍ରକାଶ କରିଛି। ସୁପରଭିଜନ୍ ଅଫିସର ସୁରେଶ କୁମାର, ମୁଖ୍ୟ କନଷ୍ଟେବଳ ସୁରେଶ ଚନ୍ଦ୍ର ମୁଦୁଲି ଓ କନଷ୍ଟେବଳ ସାମଲ କୁମାର ଦାସ ଥିଲେ।

## 'ନାଚ୍ ଟାଲେଣ୍ଟ ହଣ୍ଟ' ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୧୬।୯**

ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟସ୍ଥ ନାଚ୍ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ରବିବାର ପୂର୍ବାହ୍ନରେ 'ନାଚ୍ ଟାଲେଣ୍ଟ ହଣ୍ଟ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଲଘୁ ସଙ୍ଗୀତ, କନ୍‌ଟେମ୍ପୋରାରି ନୃତ୍ୟ, ରାଇମ୍‌ସ ଆଦି ବିଭାଗରେ ୬୬ଜଣ ପ୍ରତିଯୋଗୀ ଜୁନିୟର ଓ ସିନିୟର ଗ୍ରୁପ୍‌ରେ ଅଂଶଗ୍ରହଣ କରିଥିଲେ। କୁନି କୁନି ପିଲାମାନଙ୍କର ସଙ୍ଗୀତ ଓ ନୃତ୍ୟରେ ଅତିଥି ଓ ଦର୍ଶକ ଝୁମିଥିଲେ।

ଅଭ୍ୟୁଦୟ ଦାସ ବିଚାରକ ଭାବେ ଯୋଗଦେଇଥିବା ବେଳେ କବି ଶ୍ରୀଦେବ, ମିସ୍ ଇଣ୍ଡିଆ ଫଟୋଜେନିକ କଳ୍ପଶା ଅଙ୍କିତା ଶ, ମିଲିୟନ୍ ଡ୍ରିମ୍‌ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ, ପ୍ରଥିତଯଶା କଣ୍ଠଶିଳ୍ପୀ ଶରତ କୁମାର ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ଦିଆଯାଇଥିବା ବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ସାନ୍ତ୍ୱନାମୂଳକ ଉପହାର ଦିଆଯାଇଥିଲା। ସୁଶ୍ରୀ ଅର୍ଚ୍ଚିସା ପାଣିଗ୍ରାହୀ ଓ ସମ୍ବେଦନା ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଗୁରୁ ଏସ୍.କେ. ରାଜା, ରୋନାଲିସା ପଣ୍ଡା, ଅନୁଷ୍ଠାନର ତତ୍ତ୍ୱାବଧାରକ ଅରୁଣାଂସୁ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କ ଅଭିଭାବକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଡ. ଦିଲୀପ ସ୍ୱାଇଁଙ୍କ ରଚିତ ଫକୀରମୋହନ ସେନାପତିଙ୍କ ଜୀବନୀପୁସ୍ତକ ଉପହାର ଆକାରରେ ବିତରଣ କରାଯାଇଥିଲା।

## ମିଳୁନି ମାଗଣା ଔଷଧ, ସେବା

**କେନ୍ଦୁଝର, ୧୬।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ମିଳୁନି ମାଗଣା ସ୍ୱାସ୍ଥ୍ୟସେବା। ଚିକିତ୍ସା ପାଇଁ ରୋଗୀମାନଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଛି। ବିଭିନ୍ନ ପ୍ରକାରର ପରୀକ୍ଷା କରିବାକୁ ପଡୁଥିବାରୁ ରୋଗୀ ଅସନ୍ତୋଷ ବଢୁଛି। ଏପରିକି ଶନିବାର ରୋଗୀମାନଙ୍କୁ ରକ୍ତ ପରୀକ୍ଷା ପାଇଁ ବାହାରୁ ସାଲାଇନ ସିରିଞ୍ଜ, ଇଞ୍ଜେକ୍ସନ, ମୁତ୍ର ନଳୀ, ଥଳି, ସାଲାଇନ କିଟ କିଣିବାକୁ ବାଧ ହୋଇଥିବା ଅଭିଯୋଗ ହୋଇଛି।

ମୟୂରଭଞ୍ଜ ଜିଲା କରିଆର ସୁରେଶ ଚନ୍ଦ୍ର ଚାତାର ଜ୍ୱର ଯୋଗୁଁ ଚିକିତ୍ସା ହୋଇଥିବା ରୋଗୀ କହିଛନ୍ତି ଯେ, ସାଲାଇନ ପାଇଁ କିଟ ନ ମିଳିବାରୁ ବାଧ ହୋଇ ବାହାରୁ ୧୨୦ ଟଙ୍କା ଦେଇ କିଣିବାକୁ ପଡିଛି। ସଦର ବ୍ଲକ ନାଉପଦା ଗ୍ରାମର ଗରୀବ ଆଦିବାସୀ କୁନ୍ଟୁ ନାଏକ, ଦନାପୁରର କାହ୍ନୁଚରଣ ପାତ୍ର, କେନ୍ଦୁଝର ସହରର ନରୋତମ ବେହେରା ସମେତ ଅନ୍ୟମାନେ ବାହାରୁ ଏଭଳି ସାଲାଇନ କିଟ, ପରିଶ୍ରା ଥଳି ଆଦି କିଣିଥିବା କହିଛନ୍ତି। ସରକାର ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଅନ୍ୟ ଯୋଜନା ଭଳି ନିଦାନ ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଉପଯୁକ୍ତ ତଦାରଖ ଅଭାବରୁ ଏହି ସବୁ ଯୋଜନା ବାସ୍ତବତା ଠାରେ ଦୂରରେ ରହୁଥିବାରୁ ବହୁ ଗରୀବ ଲୋକ ଅସୁବିଧା ଭୋଗୁଛନ୍ତି। ସିଡିଏମଓ ଡାକ୍ତର ଚୌଧୁରୀ ସୌରୁପ ମିଶ୍ର କହିଛନ୍ତି ଯେ, ସରକାରଙ୍କଠାରୁ ସବୁ ସାମଗ୍ରୀ ମଗାଯାଇଥିଲେ ହେଁ ଆସିନାହିଁ। ଅସ୍ଥାୟୀ ଭାବେ ଦେଖାଦେଇଥିବା ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ନିଆଯାଉଛି। ବାହାରୁ ଔଷଧ ସାମଗ୍ରୀ କିଣି ଯୋଗାଇଦେବାକୁ କୁହାଯାଇଛି।

## ୧୬ ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

**ଖଇରା, ୧୬।୯(ଡି.ଏନ.ଏ.)**

ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରବିବାର ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୧୬ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ପାଣିଗ୍ରାହୀ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମିଶନ ଶକ୍ତି ସଭାଗୃହର ଶିଳାନ୍ୟାସ କରିଥିଲେ। ପରେ ବୁରେଇସାହି ଚଣ୍ଡି ମନ୍ଦିର ରୋଷଗୃହ, ବୁରେଇସାହି ମା' ମଙ୍ଗଳା ମନ୍ଦିର, ଆମ୍ବଗଡିଆ ଗୋଷ୍ଠୀ କେନ୍ଦ୍ର, କୁଣ୍ଡସାହି ଗୋଷ୍ଠୀ କେନ୍ଦ୍ର, ଖରାଖିଆ ଗ୍ରାମ ଗୋଷ୍ଠୀକେନ୍ଦ୍ର, ବାଲିଡିହା ହରିହାଟ, ସାରଡାଙ୍ଗ ବୁଢୀଜାଗୁଲାଇ ମନ୍ଦିର, ମୁନିପଦା ଗୋଷ୍ଠୀକେନ୍ଦ୍ର, ଭୁଆଁଳଗଡିଆ ରଜବତୀ ବଙ୍ଗଳା, ଅଲିପୁର ତାରିଣୀ ଯୁବକ ସଂଘ, ସେଣ୍ଡସାହି ଗୋଷ୍ଠୀକେନ୍ଦ୍ର, ହରନବାବୀ କାଳିବଙ୍ଗଳା, ଦାମୋଦରପୁର ଶିବମନ୍ଦିର ପାଇଁ ନିର୍ମିତ ହେବାକୁ ଥିବା ରୋଷଗୃହର ଭୁମିପୂଜା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ହରିହର କୁଣ୍ଡୁ, ପୂର୍ବତନ ସରପଞ୍ଚ ମଦନମୋହନ ସାହୁ, ବିଜେଡି ନେତା କୁଶାସନ କର, ରାମଚନ୍ଦ୍ର ସାହୁ, ସୁରେନ୍ଦ୍ର ଦଳେଇ ତଥା ବିଜୁ ଯୁବ ବାହିନିର ସମସ୍ତ ସଭ୍ୟ ସାମିଲ ଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

## ଝିଅାରୀଙ୍କୁ ଗର୍ଭବତୀ କରିଥିବା ସମ୍ପର୍କୀୟ ଦାଦା ଗିରଫ

**ଖଇରା, ୧୬।୯(ଡି.ଏନ.ଏ.)**

ଖଇରା ଥାନା ପଳସା ପଞ୍ଚାୟତ ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗର୍ଭବତୀ କରିଥିବା ଅଭିଯୋଗରେ ରବିବାର ଖଇରା ପୋଲିସ ତାଙ୍କ ସମ୍ପର୍କୀୟ ଦାଦାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବତୀଙ୍କ ବିବାହ ପ୍ରସ୍ତାବ ଆସୁ ନ ଥିବା ତାଙ୍କ ସମ୍ପର୍କୀୟ ଦାଦା ପୂଜା କରାଇବା ବହାନାରେ ରାତିରେ ପରିତ୍ୟକ୍ତ ବିଲକୁ ନେଇ ଯାଇଥିଲେ। ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଏହା କାହାକୁ ନ କହିବାକୁ ଭୟ ଦେଖାଇଥିଲେ। ଯୁବତୀଙ୍କ ମା'ଙ୍କ ଅଭିଯୋଗ ଓ ଡାକ୍ତରୀମାଇନା ପରେ ଏକ ମାମଲା(ନଂ.୨୨୪/୧୮) ରୁଜୁକରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

- ଡିସେମ୍ବରରେ ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ

## ଭାଗନେବେ ୧ ହଜାର ଶିଶୁ

**ସିମୁଳିଆ,୧୬।୯(ଡି.ଏନ.ଏ.)**

ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି ସହିତ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଉଦ୍ଦେଶ୍ୟରେ ରବିବାର ସିମୁଳିଆ ବ୍ଲକ ଅଧିନ ପୁରୁଷୋତ୍ତମ କ୍ଷେତ୍ର ଅଣ୍ଡରାଇ ଅଞ୍ଚଳରେ 'ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ' କମିଟି ଗଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦ ମୁକ୍ତି ମିଳନ ମହାପ୍ରଭୁ ଅନୁଷ୍ଠାନ ସହଯୋଗରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଶିକ୍ଷକ, ସମାଜସେବୀ, ଉଦ୍ୟମୀ ଯୁବକମାନେ ଯୋଗଦେଇ ଶିଶୁମାନଙ୍କ ବିକାଶ ପାଇଁ ବିଭିନ୍ନ ମତାମତ ରଖିଥିଲେ। ପଣ୍ଡିତ ଦୟାନିଧି ଦାଶଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା।


ଆଧ୍ୟାତ୍ମିକ ଶିଶୁ ପ୍ରତିଭା ମହୋତ୍ସବ କମିଟି ସଭାପତି ଦୟାନିଧି ଦାଶ ସୂଚନା ଦେଉଛନ୍ତି।

ଆସନ୍ତା ଡିସେମ୍ବରରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ୧ହଜାର ଶିଶୁ ଅଂଶଗ୍ରହଣ କରିବେ। ପିଲାମାନଙ୍କୁ ତିନି ସ୍ତରରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। କମିଟିରେ ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ସଭାପତି ରୂପେ ଦୟାନିଧି ଦାଶ, ସମ୍ପାଦକ ବାଦଲ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ଦାଶ, ପଦ୍ମଲୋଚନ ଦାଶ, ପୂର୍ଣ୍ଣଚନ୍ଦ୍ର ମହାଳିକ, ରାଜେନ୍ଦ୍ର କୁମାର ମହାପାତ୍ର, ପୁଷ୍ପ ମଞ୍ଜରୀ ପଣ୍ଡା, ରମେଶ ଚନ୍ଦ୍ର ସିଂ, କିଶୋର କୁମାର ନାୟକ ପ୍ରମୁଖ ୧୪ଜଣ କର୍ମକର୍ତ୍ତା ଅଛନ୍ତି।